सत्यमेव जयते

ଓଡ଼ିଶା ବିଧାନସଭାରେ

ମାନ୍ୟବର ରାଜ୍ୟପାଳ

# ଡ଼. ହରି ବାବୁ କମ୍ଭମ୍‌ପାଟିଙ୍କ

# ଅଭିଭାଷଣ

୧୭ ଫେବୃୟାରୀ, ୨୦୨୬

ଜୟ ଜଗନ୍ନାଥ

ସମ୍ମାନନୀୟ ବାଚସ୍ପତି ମହୋଦୟା ଏବଂ ମାନ୍ୟବର ସଦସ୍ୟଗଣ,

ଅତ୍ୟନ୍ତ ଆନନ୍ଦର ସହିତ, ମୁଁ ଆପଣମାନଙ୍କୁ ୧୭ତମ ଓଡ଼ିଶା ବିଧାନସଭାର ଷଷ୍ଠ ଅଧିବେଶନକୁ ସ୍ୱାଗତ କରୁଛି । ଏହି ସୁଯୋଗରେ, ଏହି ଗରିମାମୟ ସଦନର ସମସ୍ତ ମାନ୍ୟବର ସଦସ୍ୟମାନଙ୍କୁ ଏବଂ ଓଡିଶାର ପ୍ରିୟ ଜନତାଙ୍କୁ ନବବର୍ଷର ଆନ୍ତରିକ ଶୁଭେଚ୍ଛା ଜଣାଉଛି । ଏହି ବର୍ଷ ଶାନ୍ତି, ଉନ୍ନତି ଏବଂ ସାମୁହିକ ସମୃଦ୍ଧି ଆଣିଦେଉ, ଏବଂ ଆମର ସମ୍ମିଳିତ ଯାତ୍ରା ଜ୍ଞାନ, ଏକତା ଓ କରୁଣା ଦ୍ୱାରା ପରିଚାଳିତ ହେଉ ।

୨- ଏହି ଗରିମାମୟ ସଦନ ଚଳିତ ବିଧାନସଭାର ସଦସ୍ୟ ଓ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆ, ପୂର୍ବତନ ରାଷ୍ଟ୍ରମନ୍ତ୍ରୀ ସ୍ୱର୍ଗତ ଅନନ୍ତ ଦାସ, ପୂର୍ବତନ ଉପ-ବାଚସ୍ପତି ଓ ରାଷ୍ଟ୍ରମନ୍ତ୍ରୀ ସ୍ୱର୍ଗତ ବିଭୂତି ଭୂଷଣ ସିଂହ ମର୍ଦ୍ଦରାଜ, ସମସ୍ତ ପୂର୍ବତନ ସଦସ୍ୟ ସ୍ୱର୍ଗତ ଦେବରାଜ ସେଠ, ସ୍ୱର୍ଗତ ଦେବେନ୍ଦ୍ର ଶର୍ମା, ସ୍ୱର୍ଗତ ପ୍ରସନ୍ନ କୁମାର ପଟ୍ଟନାୟକ, ସ୍ୱର୍ଗତ କରେନ୍ଦ୍ର ମାଝୀ, ସ୍ୱର୍ଗତ ନିରଞ୍ଜନ ହେମ୍ବ୍ରମ, ସ୍ୱର୍ଗତ ପ୍ରଫୁଲ୍ଲ କୁମାର ଭଞ୍ଜ; ସ୍ୱର୍ଗତ ମହମ୍ମଦ ରଫିକ; ସ୍ୱର୍ଗତ ଜର୍ଜ ତିର୍କୀ, ସ୍ୱର୍ଗତ

ହେମେନ୍ଦ୍ର ପ୍ରସାଦ ମହାପାତ୍ର; ସ୍ୱର୍ଗତ କୃଷ୍ଣ ଚନ୍ଦ୍ର ମଲ୍ଲିକ, ଓଡ଼ିଶା ପୋଲିସର ପୂର୍ବତନ OAPF/୩୫୩ ସ୍ୱର୍ଗତ ଲୋକନାଥ ଶବର, ଦ୍ୱିତୀୟ ଭାରତୀୟ ରିଜର୍ଭ ବାଟାଲିଆନ ରାୟଗଡ଼ାର ପୂର୍ବତନ କନେଷ୍ଟବଳ/୪୭୫ ସ୍ୱର୍ଗତ ଲକ୍ଷ୍ମଣ ମାଝୀ ଏବଂ ଓଡ଼ିଶା ପୋଲିସର ପୂର୍ବତନ କନେଷ୍ଟବଳ/୩୯ ସ୍ୱର୍ଗତ ସରୋଜ କୁମାର ପ୍ରଧାନଙ୍କ ପରଲୋକରେ ଗଭୀର ଶୋକ ପ୍ରକାଶ କରିଛି ।

୩- ଉପସ୍ଥିତ ମାନ୍ୟବର ସଦସ୍ୟମାନଙ୍କୁ ମୁଁ ଅନୁରୋଧ କରୁଛି ଯେ, ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ କାହ୍ନୁ ଚରଣ ଲେଙ୍କା ଏବଂ ପୂର୍ବତନ ସଦସ୍ୟ ସ୍ୱର୍ଗତ କୁଳମଣି ରାଉତ, ସ୍ୱର୍ଗତ ଅକ୍ଷୟ ଆଚାର୍ଯ୍ୟ, ସ୍ୱର୍ଗତ ସଞ୍ଚିତା ମହାନ୍ତି ଓ ସ୍ୱର୍ଗତ ରାସେଶ୍ୱରୀ ପାଣିଗ୍ରାହୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇବାରେ ମୋ ସହିତ ଯୋଗ ଦିଅନ୍ତୁ । ଗୃହ ପକ୍ଷରୁ ଦିବଙ୍ଗତ ଆତ୍ମାଙ୍କ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜଣାଉଛି ।

୪- ସମୁଦ୍ରକୁ ନିଜର ଶକ୍ତି, ସମ୍ବଲକୁ ଏହାର ଗଭୀରତା, ଜଙ୍ଗଲ ଏହାର ସମ୍ପଦ ଓ ନଦୀକୁ ଏହାର ନିଶ୍ୱାସ ଭାବରେ ଗ୍ରହଣ କରି ଓଡିଶା ପ୍ରକୃତି, ଜୀବ ଓ ଶାସ୍ତ୍ରର ଏକ କାଳଜୟୀ ସ୍ୱର ଭାବରେ ଛିଡ଼ା ହୋଇଛି । ଆମ ମନ୍ଦିରମାନେ ଭକ୍ତିର କଥା

କହନ୍ତି, ଆମ କାର୍ଯ୍ୟ ଶିଷ୍ଟାଚାରର ପ୍ରମାଣ ଦେଇଥାଏ ଏବଂ ଆମ ପରମ୍ପରା ସଦଭାବର ବାର୍ତ୍ତା ଦେଇଥାଏ । କହିବାକୁ ଗଲେ, ଓଡ଼ିଶାର ବାସ୍ତବ ଶକ୍ତି, ତଥ୍ୟ କିମ୍ବା ବସ୍ତୁରେ ନୁହେଁ, ବରଂ ଲୋକମାନଙ୍କ ମଧ୍ୟରେ ରହିଛି ।

୫- ତ୍ୟାଗ ଓ ଆତ୍ମବିଶ୍ୱାସର ଭିତ୍ତି ଉପରେ ଦୃଢ଼ଭାବେ ଦଣ୍ଡାୟମାନ ଆଜିର ଓଡ଼ିଶା, ସ୍ୱୀକୃତି ପାଇବାକୁ ଆଉ ଅପେକ୍ଷାରତ ନୁହେଁ, ବରଂ ଉନ୍ନତି କରିବାକୁ, ପ୍ରସ୍ଫୁଟିତ ହେବାକୁ ଏବଂ ବିକଶିତ ଭାରତର ଅଭିବୃଦ୍ଧି ଇଞ୍ଜିନ ଭାବରେ ନେତୃତ୍ୱ ନେବାକୁ ପ୍ରସ୍ତୁତ ହୋଇଛି ।

୬- ୨୦୩୬ ମସିହା ଏପ୍ରିଲ ୧ ତାରିଖ ଆମ ସମ୍ମୁଖରେ ଏକ ସତ୍ୟନିଷ୍ଠ ପ୍ରତିଜ୍ଞା ଭଳି ଦଣ୍ଡାୟମାନ । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଶତବାର୍ଷିକୀ, ଇତିହାସ ସହ ଆତ୍ମପର୍ଯ୍ୟାଲୋଚନାର ଏକ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତ । ରାଜ୍ୟ ଯେତେବେଳେ ସ୍ୱତନ୍ତ୍ର ପ୍ରଦେଶ ଗଠନର ଏକଶତବର୍ଷ ପୂରଣ କରିବ, ସେତେବେଳେ ଏହାକୁ ଗୌରବ, ସମୃଦ୍ଧି ଓ ସୁସ୍ପଷ୍ଟ ଉଦ୍ଦେଶ୍ୟବୋଧ ସହ ଦୃଢ଼ଭାବେ ଦଣ୍ଡାୟମାନ କରିବାକୁ ମୋ ସରକାର ପ୍ରତିବଦ୍ଧ । 'ସମୃଦ୍ଧ ଓଡିଶା' ଦୃଷ୍ଟିକୋଣ ସାକାର କରିବାକୁ, ମୋ ସରକାର, ନବସୃଜନଶୀଳ ଅଭିବୃଦ୍ଧିକୁ ଅବ୍ୟାହତ ରଖିବା,

ସମାବେଶୀ ଭିତ୍ତିଭୂମି ବିକାଶକୁ ତ୍ୱରାନ୍ୱିତ କରିବା, ପ୍ରତ୍ୟେକ ନାଗରିକ ପାଇଁ ସୁଯୋଗ ସୃଷ୍ଟି କରିବା, କୃଷି ଓ ଶିଳ୍ପକୁ ସଶକ୍ତ କରିବା, ଶିକ୍ଷା ଓ ସ୍ୱାସ୍ଥ୍ୟ ମାଧ୍ୟମରେ ଜୀବନମାନ ଉନ୍ନତ କରିବା, ସବୁଜ ବିକାଶକୁ ପ୍ରୋତ୍ସାହନ, ସଂଯୋଗତା ବୃଦ୍ଧି, ଲୋକଶକ୍ତିକୁ ସକ୍ରିୟ କରିବା ଏବଂ ନ୍ୟାୟସଙ୍ଗତ ସମୃଦ୍ଧି ହାସଲ କରିବାକୁ ସଂକଳ୍ପବଦ୍ଧ ।

୭- ୨୦୩୬ ଓ ୨୦୪୭କୁ ଦୃଷ୍ଟିରେ ରଖି, ମୋ ସରକାର ଏକ ବିସ୍ତୃତ ଭିଜନ୍ ଡକ୍ୟୁମେଣ୍ଟ ପ୍ରସ୍ତୁତ କରିଛନ୍ତି, ଯାହାକି ଭାରତର ଶତବାର୍ଷିକୀ ରୋଡମ୍ୟାପ୍ ସହିତ ସମନ୍ୱିତ ଏବଂ ନାଗରିକ ଓ ଅଂଶୀଦାରମାନଙ୍କ ସହିତ ବ୍ୟାପକ ପରାମର୍ଶ ମାଧ୍ୟମରେ ବିକଶିତ କରାଯାଇଛି । ଏହି ଡକ୍ୟୁମେଣ୍ଟକୁ ମାନ୍ୟବର ପ୍ରଧାନମନ୍ତ୍ରୀ ୨୦ ଜୁନ୍ ୨୦୨୫ରେ ଉନ୍ମୋଚନ କରିଥିଲେ, ଯାହା ଏକ ସୁସଂଗଠିତ ଦୀର୍ଘମିଆଦି ଭିଜନ୍ ଢାଞ୍ଚା ଥିବା ରାଜ୍ୟ ଭାବେ ଓଡ଼ିଶାକୁ ଦେଶର ତିନିଟି ରାଜ୍ୟ ମଧ୍ୟରେ ସ୍ଥାନିତ କରାଇଛି ।

୮- ୨୦୩୬ ସୁଦ୍ଧା ଓଡ଼ିଶାକୁ ୫୦୦ ବିଲିଅନ୍ ଆମେରିକୀୟ ଡଲାର ଅର୍ଥନୀତି ଏବଂ ୨୦୪୭ ସୁଦ୍ଧା ୧.୫ ଟ୍ରିଲିଅନ୍ ଆମେରିକୀୟ ଡଲାର ଅର୍ଥନୀତିରେ ପରିଣତ କରିବାକୁ ଏହି

ଭିଜନ୍ ଲକ୍ଷ୍ୟ ରଖିଛି । ଏହା ଜାତୀୟ ମୋଟ ଘରୋଇ ଉତ୍ପାଦରେ ରାଜ୍ୟର ଅବଦାନକୁ ୩ରୁ ୫%କୁ ବୃଦ୍ଧି କରିବା ସହିତ ନିବେଶ, କାର୍ଯ୍ୟାନ୍ୱୟନ ଏବଂ ପ୍ରଯୁକ୍ତି ଅନୁପ୍ରୟୋଗରେ ସୁଧାର ମାଧ୍ୟମରେ ସାଧାରଣ ବାର୍ଷିକ ବୃଦ୍ଧିହାରକୁ ୭ରୁ ୯.୫%କୁ ବୃଦ୍ଧି କରିବାକୁ ଉଦ୍ଦେଶ୍ୟ ରଖିଛି । ସେହିପରି, ୨୦୪୭ ସୁଦ୍ଧା ମୁଣ୍ଡପିଛା ଆୟକୁ ୧.୮ ଲକ୍ଷ ଟଙ୍କାରୁ ୩୨ ଲକ୍ଷ ଟଙ୍କାକୁ ବୃଦ୍ଧି କରିବା, ଜୀବନ ଧାରଣ ମାନକୁ ସୁଧାରିବା, ବହୁମୁଖୀ ଦାରିଦ୍ର୍ୟକୁ ୫% କୁ କମାଇବା, ମହିଳା ଶ୍ରମଶକ୍ତି ଅଂଶଗ୍ରହଣକୁ ୭୦% କୁ ବୃଦ୍ଧି କରିବା, ଆୟୁ ସୀମାକୁ ୮୦ ବର୍ଷରୁ ଅଧିକ କରିବା ଏବଂ ରକ୍ତହୀନତା ଓ ପୌଷ୍ଟିକ ଅଭାବକୁ ନିରାକରଣ କରିବା ଲକ୍ଷ୍ୟ ରଖାଯାଇଛି ।

୯- ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱରେ, କେନ୍ଦ୍ର ସରକାର ନିକଟରେ ଓଡ଼ିଶାର ମେଗା ପ୍ରକଳ୍ପଗୁଡ଼ିକ ପାଇଁ ମଞ୍ଜୁରୀ ରାଜ୍ୟର ଭବିଷ୍ୟତ ଉପରେ ଦୃଢ଼ ଆସ୍ଥା ପ୍ରତିଫଳିତ କରୁଛି ଏବଂ ବ୍ୟାପକ ଗୁରୁତ୍ୱପୂର୍ଣ୍ଣ ସାମାଜିକ-ଅର୍ଥନୈତିକ ଲାଭକୁ ଉନ୍ମୁକ୍ତ କରିବ । ୮୩୦୦ କୋଟି ଟଙ୍କାର ରାମେଶ୍ୱର-ପାରାଦୀପ ଉପକୂଳ ରାଜପଥ ଅନୁମୋଦନ ଦ୍ୱାରା ଦୂରତା ଏବଂ ଯାତ୍ରା ସମୟ ପ୍ରାୟ ୪୫ ପ୍ରତିଶତ ହ୍ରାସ ପାଇ ଉପକୂଳ ଯୋଗାଯୋଗରେ

ଯଥେଷ୍ଟ ଉନ୍ନତି ଆସିବ । ପ୍ରାୟ ୮୩୦୮ କୋଟି ଟଙ୍କା ବିନିଯୋଗରେ ୬ ଲେନ୍ ପ୍ରବେଶ-ନିୟନ୍ତ୍ରିତ ଗ୍ରୀନଫିଲ୍ଡ କ୍ୟାପିଟାଲ ରିଜିଅନ୍ ରିଙ୍ଗ ରୋଡ୍ (ଭୁବନେଶ୍ୱର ବାଇପାସ୍) ନିର୍ମାଣ ପାଇଁ ସବୁଜ ସଙ୍କେତ, ଭୁବନେଶ୍ୱର, କଟକ ଏବଂ ଖୋର୍ଦ୍ଧାରେ ଯାନବାହାନ ଭିଡ଼ କମାଇବା ସହିତ ଲଜିଷ୍ଟିକ୍ସ ଖର୍ଚ୍ଚ ହ୍ରାସ କରିବାରେ ସାହାଯ୍ୟ କରିବ ଏବଂ ସୁଗମ ବହୁମାଧ୍ୟମିକ ସଂଯୋଜନ ମାଧ୍ୟମରେ ବାଣିଜ୍ୟକୁ ସୁଦୃଢ଼ କରିବ ।

୧୦- ଇଣ୍ଡିଆ ସେମିକଣ୍ଡକ୍ଟର ମିଶନ୍ ଅଧୀନରେ ୨୦୬୬ କୋଟିରୁ ଅଧିକ ଅର୍ଥ ବିନିଯୋଗରେ ଓଡ଼ିଶାରେ ଦୁଇଟି ଅତ୍ୟାଧୁନିକ ସେମିକଣ୍ଡକ୍ଟର ଉତ୍ପାଦନ ୟୁନିଟ୍ ସ୍ଥାପନ ଅନୁମୋଦନ ଲାଭ କରିଥିବାରୁ ମୋ ସରକାର କେନ୍ଦ୍ର ସରକାରଙ୍କ ପ୍ରତି କୃତଜ୍ଞ । ଏହା ଓଡ଼ିଶାକୁ ସେମିକଣ୍ଡକ୍ଟର ଓ ଇଲେକ୍ଟ୍ରୋନିକ୍ସ କେନ୍ଦ୍ର ଭାବେ ପରିଚିତ କରିବା ଦିଗରେ ଏକ ଐତିହାସିକ ପଦକ୍ଷେପ, ଯାହା ଉଚ୍ଚ-ଦକ୍ଷତାମୂଳକ ରୋଜଗାର ସୃଷ୍ଟି କରିବ, ସହଯୋଗୀ ଶିଳ୍ପଗୁଡ଼ିକୁ ପ୍ରୋତ୍ସାହନ ଦେବ ଏବଂ ଆତ୍ମନିର୍ଭର ଭାରତର ଦୃଷ୍ଟିକୋଣକୁ ଆଗେଇ ନେବ ।

*ଭିତ୍ତିଭୂମି କେବଳ କଂକ୍ରିଟ୍ ଓ ଇସ୍ପାତ ନୁହେଁ – ଏହା, ସମୃଦ୍ଧ ଓଡ଼ିଶା ୨୦୩୬ ପାଇଁ ପ୍ରତ୍ୟେକ ସ୍ୱପ୍ନର ନୀରବ ସମର୍ଥକ ।*

୧୧- ମୋ ସରକାର, ରାସ୍ତା କ୍ଷେତ୍ରକୁ ଆଧୁନିକୀକରଣ କରିବା ଏବଂ ସାରା ରାଜ୍ୟରେ ନିରାପଦ, ସ୍ଥାୟୀ ଏବଂ ଦକ୍ଷ ଗମନାଗମନକୁ ସୁନିଶ୍ଚିତ କରିବା ପାଇଁ ସୁଦୂରପ୍ରସାରୀ ନୀତିଗତ ଏବଂ ସାଂଗଠନିକ ସଂସ୍କାର ହାତକୁ ନେଇଛନ୍ତି । ଜନସାଧାରଣ ଏବଂ ସାମଗ୍ରୀର ସୁଗମ ପରିବହନ ପାଇଁ ଏକ ଉଚ୍ଚମାନର ରାସ୍ତା ନେଟୱାର୍କ ସୃଷ୍ଟି କରିବାକୁ ଓଡ଼ିଶା ରାଜ୍ୟ ସଡ଼କ ନୀତି-୨୦୨୫ କାର୍ଯ୍ୟକାରୀ କରାଯାଇଥିବା ବେଳେ, ଏକ ଉତ୍ସର୍ଗୀକୃତ ସଂସ୍ଥାଗତ ବ୍ୟବସ୍ଥା ମାଧ୍ୟମରେ ରାଜପଥ ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ଓଡ଼ିଶା ରାଜ୍ୟ ରାଜପଥ ପ୍ରାଧିକରଣ ଆଇନ-୨୦୨୫ ପ୍ରଣୟନ କରାଯାଇଛି । ଏହା ସହିତ, ପୂର୍ତ୍ତ ବିଭାଗ ଅଧିନସ୍ଥ ରାସ୍ତାରେ ସେତୁଗୁଡ଼ିକର ବ୍ୟବସ୍ଥିତ ରକ୍ଷଣାବେକ୍ଷଣ ପାଇଁ ପଦକ୍ଷେପ ନିଆଯାଉଛି, ଯାହା ଦ୍ୱାରା ସମଗ୍ର ନେଟୱାର୍କରେ ସଂରଚନାଗତ ସୁରକ୍ଷା ଏବଂ ସେବା ଯୋଗ୍ୟତାକୁ ସୁଦୃଢ଼ କରାଯାଇପାରିବ ।

୧୨- ୨୦୨୫-୨୬ ଆର୍ଥିକ ବର୍ଷରେ, ମୋ ସରକାର ସହରାଞ୍ଚଳ ଯାତାୟାତ ଭିଡ଼, ଆଞ୍ଚଳିକ ସଂଯୋଗୀକରଣ ବ୍ୟବଧାନ ଏବଂ ଗୁରୁତ୍ୱପୂର୍ଣ୍ଣ ନଦୀ ପାର ସମସ୍ୟା ଗୁଡ଼ିକୁ ଦୂର କରିବା ଉଦ୍ଦେଶ୍ୟରେ ଅନେକ ପ୍ରମୁଖ ଏବଂ ରଣନୀତିକ ଭିତ୍ତିଭୂମି ପ୍ରକଳ୍ପକୁ ମଞ୍ଜୁର କରିବା ଉପରେ ବିଶେଷ ଗୁରୁତ୍ୱ ଦେଇଛନ୍ତି ।

ଏଥିରେ କଳିଙ୍ଗ ଷ୍ଟାଡିଅମ୍ ଗେଟ୍ ନମ୍ବର ୦୪ରୁ ରଘୁନାଥପୁର ବ୍ରିଜ୍ ପର୍ଯ୍ୟନ୍ତ ଫ୍ଲାଇଓଭର ସହ ଜୟଦେବ ବିହାର-ନନ୍ଦନକାନନ ରାସ୍ତାର ଉନ୍ନତି, କେନ୍ଦୁଝରର ବାଇପାସ୍ ସଡ଼କ ନିର୍ମାଣ, ଭବାନୀପଟଣା-ଖରିଆର ରାସ୍ତା (ରାଜ୍ୟ ରାଜପଥ-୧୬) କୁ ଚାରି ଲେନ୍ କରିବା, ବୁର୍ଲା ରିଙ୍ଗ୍ ରୋଡ୍ ବିକାଶ ଏବଂ ଫୁଲନଖରା-ନିଆଳି-ମାଧବ ରାସ୍ତାକୁ ଚାରି ଲେନ୍ କରିବା ଅନ୍ତର୍ଭୁକ୍ତ, ଯାହା ଯାତାୟାତ ସୁବିଧା ଓ ଲଜିଷ୍ଟିକ୍ ଦକ୍ଷତାକୁ ବୃଦ୍ଧି କରିବ ।

୧୩- ଏହା ବ୍ୟତୀତ, ମୋ ସରକାର ଆଞ୍ଚଳିକ ସୁଗମତାକୁ ଉନ୍ନତ କରିବା ଏବଂ ସାଂସ୍କୃତିକ ଓ ଅର୍ଥନୈତିକ କେନ୍ଦ୍ରଗୁଡ଼ିକୁ ସମର୍ଥନ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ସେତୁ ଏବଂ କ୍ଷେତ୍ର ବିକାଶ ପ୍ରକଳ୍ପଗୁଡ଼ିକୁ ମଞ୍ଜୁର କରିଛନ୍ତି । ଏଥିରେ କାଠଯୋଡ଼ି ନଦୀ ଉପରେ ଉଚ୍ଚ ସେତୁ (ସୁବାଷ ବୋଷ ସେତୁ), ନରସିଂହପୁର ଓ ବାଲିପୁଟ୍ ମଧ୍ୟରେ ମହାନଦୀ ଉପରେ ଉଚ୍ଚ ସେତୁ ନିର୍ମାଣ, ଘଟଗାଁରେ ମାଆ ତାରିଣୀ ମନ୍ଦିର କମ୍ପ୍ଲେକ୍ସ ଓ ଯୋରନ୍ଦାରେ ଭବ୍ୟ ଶୂନ୍ୟ ମଣ୍ଡପ ସହ ମହିମା ଗାଦିର ବିକାଶ ଅନ୍ତର୍ଭୁକ୍ତ । ଏହି ପ୍ରକଳ୍ପଗୁଡ଼ିକ ମିଳିତ ଭାବରେ ଆଞ୍ଚଳିକ ଅଭିବୃଦ୍ଧି, ସୁରକ୍ଷା ଏବଂ ଐତିହ୍ୟ ସଂରକ୍ଷଣକୁ ସମର୍ଥନ କରିବା ସହିତ

ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ମୋ ସରକାରଙ୍କ ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି ।

୧୪- ସ୍ୱଚ୍ଛ ଭାରତ ମିଶନ୍ (ସହର) ୨.୦ ଅଧୀନରେ ବିକେନ୍ଦ୍ରୀକୃତ 'ବର୍ଜ୍ୟରୁ ସମ୍ପଦ' ପଦ୍ଧତି ଗ୍ରହଣ କରି 'ଆବର୍ଜନା ମୁକ୍ତ' ଓଡ଼ିଶା ଦୃଷ୍ଟିକୋଣକୁ ତ୍ୱରାନ୍ୱିତ କରାଯାଇଛି । ଚଳିତ ବର୍ଷରେ ୧.୬୬ ଲକ୍ଷରୁ ଅଧିକ ବ୍ୟକ୍ତିଗତ ଘରୋଇ ଶୌଚାଳୟ ସମ୍ପୂର୍ଣ୍ଣ କରାଯାଇଛି ଏବଂ ୨୭୬ ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର ଓ ୨୩୫ଟି ସାମଗ୍ରୀ ପୁନରୁଦ୍ଧାର ସୁବିଧା କାର୍ଯ୍ୟକ୍ଷମ କରିବା ଉପଲବ୍ଧି ରହିଛି । ଫଳସ୍ୱରୂପ, ୧୧୪ଟି ସହରାଞ୍ଚଳ ସ୍ୱାୟତ୍ତ ଶାସନ ସଂସ୍ଥା ବାହ୍ୟ ମଳତ୍ୟାଗ ମୁକ୍ତ ମାନ୍ୟତା ହାସଲ କରିଛନ୍ତି ଏବଂ ଭୁବନେଶ୍ୱର, କଟକ ଓ ପୁରୀ ସହର ମର୍ଯ୍ୟାଦାଜନକ 'ୱାଟର ପ୍ଲସ' ପ୍ରମାଣପତ୍ର ହାସଲ କରିଛନ୍ତି ।

୧୫- ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା (MSBY) ଅଧୀନରେ ୧୦୬ଟି ସହରାଞ୍ଚଳ ଜଳାଶୟର ପୁନଃରୁଦ୍ଧାର ଓ ୨୪୦୦ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟଙ୍କ ସକ୍ରିୟ ସହଭାଗୀତାରେ ୩୮୦୦୦ ବୃକ୍ଷଚାରା ରୋପଣ ମାଧ୍ୟମରେ ସ୍ଥାୟୀ ସହର ଉନ୍ନୟନରେ ଉତ୍କୃଷ୍ଟ ପ୍ରଗତି ହୋଇଛି । ଏହି ଦୃଢ଼

ପ୍ରଦର୍ଶନ ଯୋଗୁଁ ଅମୃତ-୨.୦ ଅଧୀନରେ ଓଡ଼ିଶା ଜାତୀୟ ରାଙ୍କିଂ ମାନ୍ୟତାରେ ଶୀର୍ଷ ସ୍ଥାନ ପାଇଛି ।

୧୬- ରାଜଧାନୀ ସହରାଞ୍ଚଳ ପରିବହନ (CRUT) ୧୧୩ଟି ରୁଟରେ ୨୯୦ଟି ବ୍ୟାଟେରୀ ଚାଳିତ ବସ୍ ସମେତ ୬୭୦ଟି ବସ୍ ପରିଚାଳନା କରି ସ୍ଥାୟୀ ସହରାଞ୍ଚଳ ଗତିଶୀଳତାରେ ଏହାର ନେତୃତ୍ୱକୁ ସୁଦୃଢ଼ କରି ଦୈନିକ ପ୍ରାୟ ୩.୩ ଲକ୍ଷ ଯାତ୍ରୀଙ୍କୁ ସେବା ଯୋଗାଉଛି ଏବଂ ୪୦ ପ୍ରତିଶତରୁ ଅଧିକ ଡିଜିଟାଲ୍ କାରବାର ପ୍ରବେଶ ହାସଲ କରିଛି । ଅତିରିକ୍ତ ୮ଟି ସହରକୁ ଏହି ବ୍ୟବସ୍ଥା ବିସ୍ତାର କରାଯାଉଛି, ପ୍ରଥମ ପର୍ଯ୍ୟାୟ ଅଧୀନରେ ୨୦୦ଟି ବସ୍ କ୍ରୟ ସମ୍ପୂର୍ଣ୍ଣ ହୋଇଛି ଏବଂ ପ୍ରମୁଖ ସହରାଞ୍ଚଳ କେନ୍ଦ୍ରଗୁଡ଼ିକ ପାଇଁ ପ୍ରଧାନମନ୍ତ୍ରୀ ଇ-ବସ୍ ସେବା ପଦକ୍ଷେପ ଅଧୀନରେ ୪୦୦ଟି ବିଦ୍ୟୁତ ଚାଳିତ ବସ୍ ମଞ୍ଜୁର କରାଯାଇଛି । ଓଡ଼ିଶା ଯାତ୍ରୀ ପ୍ଲାଟଫର୍ମର କମିଶନ-ମୁକ୍ତ ଆୟ ମଡେଲ୍ ଏବଂ କାର୍ଯ୍ୟକ୍ଷମ ଉତ୍କର୍ଷତା ପାଇଁ ଓଡ଼ିଶାକୁ ୨୦୨୫ ମସିହାରେ ୧୮ତମ ଅର୍ବାନ୍ ମୋବିଲିଟି ଇଣ୍ଡିଆ ପୁରସ୍କାର ଏବଂ ଜାତୀୟ ପବ୍ଲିକ୍ ବସ୍ ପରିବହନ ଉତ୍କର୍ଷତା ପୁରସ୍କାର ମିଳିଛି ।

୧୭- ମୋ ସରକାର ୩୧ ଅଗଷ୍ଟ ୨୦୨୫ରେ 'ସହଯୋଗ' ପଦକ୍ଷେପ ଆରମ୍ଭ କରି ଅନ୍ତର୍ଭୁକ୍ତ ସହରାଞ୍ଚଳ କଲ୍ୟାଣକୁ ମଧ୍ୟ ସୁଦୃଢ଼ କରିଛି, ଯାହା ଅଧୀନରେ ଘର ଘର ସର୍ଭେ ମାଧ୍ୟମରେ ୧.୭୭ ଲକ୍ଷ ପରିବାରର ପ୍ରୋଫାଇଲିଂ କରାଯାଇଛି ଏବଂ ୪୦,୬୨୨ ପିଏମଏୱାଇ ଗୃହ ମଞ୍ଜୁରୀ, ୩୮,୩୮୪ ଇ-ଶ୍ରମ କାର୍ଡ ଏବଂ ୨୧,୯୭୪ ଶ୍ରମ କାର୍ଡ ସମେତ ପ୍ରମୁଖ ଯୋଜନା ସହିତ ସଂଯୁକ୍ତ ହୋଇଛି ।

୧୮- ଗତ କିଛି ବର୍ଷ ଧରି, ମୋ ସରକାରଙ୍କ ପ୍ରୟାସରେ, ଓଡ଼ିଶା ଏକ ଶକ୍ତି-ଅଧିକ ରାଜ୍ୟ ଭାବରେ ଉଭା ହୋଇଛି, ସମସ୍ତ ନାଗରିକଙ୍କ ପାଇଁ ୨୪×୭ ନିର୍ଭରଯୋଗ୍ୟ ଏବଂ ଉଚ୍ଚମାନର ବିଦ୍ୟୁତ୍ ସୁନିଶ୍ଚିତ କରିଛି ଏବଂ ୨୦୨୫ ମସିହାରେ ୬,୨୪୨ ମେଗାୱାଟର ସର୍ବାଧିକ ଚାହିଦାକୁ ସଫଳତାର ସହ ପୂରଣ କରିଛି । ଯୋଜନାଗୁଡ଼ିକରେ ସ୍ୱଚ୍ଛ ଓ ସ୍ଥାୟୀ ଅଭିବୃଦ୍ଧି ଦିଗରେ ରୂପାନ୍ତରଣ ସମ୍ମିଳିତ ଅଛି, ଯାହା ରାଜ୍ୟକୁ ତ୍ୱରିତ ପୁନଃ-ନବୀକରଣୀୟ ଶକ୍ତି ସଂରକ୍ଷଣ ଏବଂ ଏକ ନ୍ୟାୟସଙ୍ଗତ ପରିବର୍ତ୍ତନ ମାଧ୍ୟମରେ 'ନେଟ୍ ଜିରୋ' ଲକ୍ଷ୍ୟ ପ୍ରାପ୍ତି ପାଇଁ ପ୍ରତିବଦ୍ଧ କରି, ୨୦୩୦ ସୁଦ୍ଧା ସୌର, ବାୟୁ ଏବଂ ଉନ୍ନତ ଶକ୍ତି ସଞ୍ଚୟ ସମାଧାନ ମାଧ୍ୟମରେ ୧୦ ଗିଗାୱାଟ୍ ପୁନଃ-ନବୀକରଣୀୟ କ୍ଷମତା ସ୍ଥାପନା ସମ୍ମିଳିତ ଅଛି ।

୧୯- ସରକାରଙ୍କ ଇପସିତ ସାମାଜିକ-ଅର୍ଥନୈତିକ ଉଦ୍ଦେଶ୍ୟ ହାସଲ କରିବାରେ ସରକାରୀ ଉଦ୍ୟୋଗଗୁଡ଼ିକ ସେମାନଙ୍କର କାର୍ଯ୍ୟକଳାପ ମାଧ୍ୟମରେ ସହାୟତା କରନ୍ତି ଏବଂ ରାଜ୍ୟ ଅର୍ଥନୀତିକୁ ଆକାଂକ୍ଷିତ ଦିଗରେ ଚଳାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି । ବର୍ତ୍ତମାନ, ୨୪ଟି ସରକାରୀ ଉଦ୍ୟୋଗ ଲାଭ କରୁଛନ୍ତି ଏବଂ ୯ଟି ସରକାରୀ ଉଦ୍ୟୋଗ ୨୦୨୪-୨୫ ଆର୍ଥିକ ବର୍ଷରେ ୮,୩୮୫ କୋଟି ଟଙ୍କାର ଲାଭାଂଶ ପ୍ରଦାନ କରିଛନ୍ତି ।

*'ଭୋକାଲ୍ ଫର୍ ଲୋକାଲ୍' ଏବଂ 'ଆତ୍ମନିର୍ଭର ଭାରତ'ର ଆହ୍ୱାନରେ ପ୍ରେରିତ ହୋଇ, ମୋ ସରକାର ଓଡ଼ିଶାକୁ ପ୍ରତିଯୋଗିତାମୂଳକ ଉତ୍ପାଦନ ଓ ଉଦ୍ୟମ କେନ୍ଦ୍ରରେ ପରିଣତ କରୁଛନ୍ତି ।*

୨୦- ମୋ ସରକାରଙ୍କ ପ୍ରୟାସରେ ଓଡ଼ିଶା ଜାତୀୟ ଖଣିଜ ଓ ଇସ୍ପାତ ମଞ୍ଚରେ ତାହାର ଶ୍ରେଷ୍ଠ ସ୍ଥାନ ଅବ୍ୟାହତ ରଖିଛି । ଭାରତର ମୋଟ ଗଚ୍ଛିତ ଲୌହ ପରିମାଣ ପ୍ରାୟ ଏକ-ତୃତୀୟାଂଶ ରାଜ୍ୟରେ ରହିଛି ଏବଂ ୨୦୨୪-୨୫ ଆର୍ଥିକ ବର୍ଷରେ ଦେଶର ମୋଟ ଲୁହାପଥର ଉତ୍ପାଦନର ୬୧%ରୁ ଅଧିକ ଅବଦାନ ରଖିଛି । ଦେଶରେ ଇସ୍ପାତ ଓ ଷ୍ଟେନଲେସ୍ ଷ୍ଟିଲ୍ ଉତ୍ପାଦନରେ ଓଡ଼ିଶା ପ୍ରଥମ ସ୍ଥାନ ଅଧିକାର କରିଛି ।

୨୧- ବର୍ତ୍ତମାନ ଓଡ଼ିଶାରେ ବାର୍ଷିକ ପ୍ରାୟ ୪୫.୬୨ ନିୟୁତ ଟନ୍ (MTPA) ସ୍ଥାପିତ କ୍ଷମତା ବିଶିଷ୍ଟ କାର୍ଯ୍ୟକ୍ଷମ ୫୫ଟି ଇସ୍ପାତ କାରଖାନା ଅଛି, ଯାହା ଦେଶର ମୋଟ ସ୍ଥାପିତ ଇସ୍ପାତ କ୍ଷମତାର ପ୍ରାୟ ୨୩% ଅଟେ । ମୁଣ୍ଡପିଛା ଇସ୍ପାତ ବ୍ୟବହାର ବୃଦ୍ଧି ପାଇବା ସହିତ, ୨୦୩୦ ସୁଦ୍ଧା ୩୦୦ ନିୟୁତ ଟନ୍ ଜାତୀୟ ଲକ୍ଷ୍ୟ ପୂରଣ ପାଇଁ ୧୦୦ ନିୟୁତ ଟନ୍ ଇସ୍ପାତ ଯୋଗାଇବାକୁ ଓଡ଼ିଶା ନିଜକୁ ପ୍ରସ୍ତୁତ ରଖିଛି ।

୨୨- ମୋ ସରକାର ଲଘୁ ଖଣିଜ ପଦାର୍ଥ(ସୈରାତ ଉତ୍ସ)ର ସ୍ଥାୟୀ ପରିଚାଳନା ପାଇଁ ଗୁରୁତ୍ୱପୂର୍ଣ୍ଣ ସଂସ୍କାର ନେଉଛନ୍ତି । ୨୦୨୨-୨୩ ମସିହାରେ ଲଘୁ ଖଣିଜ ପଦାର୍ଥରୁ ରାଜସ୍ୱ ଆୟ ୧୧୯୫ କୋଟି ଟଙ୍କାରୁ ବୃଦ୍ଧି ପାଇ ୨୦୨୪-୨୫ ମସିହାରେ ୧୭୭୬ କୋଟି ଟଙ୍କା ହୋଇଛି, ଯାହା ବାର୍ଷିକ ୧୯% ବୃଦ୍ଧି ଏବଂ ଦୁଇ ବର୍ଷ ମଧ୍ୟରେ ୪୮%ରୁ ଅଧିକ ଅଭିବୃଦ୍ଧିକୁ ପ୍ରତିଫଳିତ କରୁଛି ।

୨୩- ମୋ ସରକାର ୨୦୨୫ ମସିହାରେ ଓଡ଼ିଶାର ଶିଳ୍ପାୟନ କ୍ଷମତାକୁ ନିର୍ଣ୍ଣାୟକ ଭାବରେ ପ୍ରଦର୍ଶନ କରିଛି, ୨ ଲକ୍ଷ କୋଟି ଟଙ୍କାରୁ ଅଧିକ ନିବେଶ ସହିତ ୮୫ଟି ଶିଳ୍ପ ପ୍ରକଳ୍ପର ଶିଳାନ୍ୟାସ ଏବଂ ଉଦଘାଟନ କରିଛି, ଯାହା ଦ୍ୱାରା ୧.୬୫

ଲକ୍ଷରୁ ଅଧିକ ଲୋକଙ୍କ ପାଇଁ ନିଯୁକ୍ତି ସୃଷ୍ଟି ହୋଇଛି । ଜାନୁଆରୀରେ ଅନୁଷ୍ଠିତ ଉତ୍କୃଷ୍ଟ ଓଡ଼ିଶା-ମେକ୍ ଇନ୍ ଓଡ଼ିଶା କନକ୍ଲେଭ ଠାରୁ ଆରମ୍ଭ କରି ସଦ୍ୟ ସମାପ୍ତ ହାଇଦ୍ରାବାଦ ରୋଡଶୋ ପର୍ଯ୍ୟନ୍ତ ବର୍ଷବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ, ଓଡ଼ିଶା ମୋଟ ୭.୧ ଲକ୍ଷ କୋଟି ଟଙ୍କାରୁ ଅଧିକ ପୁଞ୍ଜି ନିବେଶ ଆଗ୍ରହକୁ ଆକର୍ଷିତ କରିଛି । ଏହି ସମୟ ମଧ୍ୟରେ, ମୋ ସରକାର ୭.୧ ଲକ୍ଷ କୋଟି ଟଙ୍କାରୁ ଅଧିକ ନିବେଶ ସମ୍ଭାବନା ଏବଂ ୪.୬୫ ଲକ୍ଷରୁ ଅଧିକ ନିଯୁକ୍ତି ସମ୍ଭାବନା ସହିତ ୩୪୩ଟି ବୃହତ ଶିଳ୍ପ ପ୍ରକଳ୍ପକୁ ଅନୁମୋଦନ କରିଛି, ଯାହା ସ୍ପଷ୍ଟ ଭାବରେ ରାଜ୍ୟର ଶିଳ୍ପାୟନ ପ୍ରତି ବିନିଯୋଗ ଆଗ୍ରହକୁ ଉତ୍ପାଦନ, ଭିତ୍ତିଭୂମି ଓ କ୍ଷେତ୍ରସ୍ତରରେ ପ୍ରକୃତ ରୋଜଗାରରେ ପରିଣତ କରିବାର କ୍ଷମତାକୁ ସ୍ପଷ୍ଟଭାବେ ପ୍ରତିଷ୍ଠା କରୁଛି ।

୨୪- ମୋ ସରକାର ଔଷଧ ଓ ଚିକିତ୍ସା ଉପକରଣ, ଉନ୍ନତ ଉତ୍ପାଦନ, ନବୀକରଣୀୟ ଶକ୍ତି ଉପକରଣ, ଇଲେକ୍ଟ୍ରୋନିକ୍ସ ଏବଂ ଇଲେକ୍ଟ୍ରୋନିକ୍ସ ସିଷ୍ଟମ ଡିଜାଇନ୍ ଓ ଉତ୍ପାଦନ (ESDM), ବୟନ ଓ ବୈଷୟିକ ବୟନ, IT ଓ ଡାଟା ସେଣ୍ଟର ଏବଂ ଅନ୍ତରୀକ୍ଷ ଓ ପ୍ରତିରକ୍ଷା ଭଳି ଉଚ୍ଚ ଅଭିବୃଦ୍ଧିଶୀଳ ଶିଳ୍ପ କ୍ଷେତ୍ରଗୁଡ଼ିକରେ ଓଡ଼ିଶାର ପ୍ରବେଶକୁ

ଉଲ୍ଲେଖନୀୟ ଭାବରେ ବିସ୍ତାର କରିଛି । ପ୍ରକଳ୍ପ କାର୍ଯ୍ୟାନ୍ୱୟନକୁ ତ୍ୱରାନ୍ୱିତ କରିବା ପାଇଁ ଜିଲ୍ଲାପାଳମାନଙ୍କୁ ପ୍ରଣାଳୀଗତ ସୁବିଧା ପ୍ରଦାନ ବ୍ୟବସ୍ଥା ଏବଂ ବିନିଯୋଗକାରୀ ଓ ସମୁଦାୟମାନଙ୍କ ପାଇଁ ଏକ ନିର୍ଦ୍ଦିଷ୍ଟ ଅଭିଯୋଗ ନିରାକରଣ ବ୍ୟବସ୍ଥାର ସମର୍ଥନ ଭିତ୍ତିକ କ୍ଷମତା ପ୍ରଦାନ କରାଯାଇଛି । ଉତ୍ପାଦନ, ଏମ୍‌ଏସ୍‌ଏମ୍‌ଇ ଏବଂ ଷ୍ଟାର୍ଟଅପ୍‌ମାନଙ୍କୁ ସୁଦୃଢ଼ କରିବାକୁ ଜାନୁଆରୀ ୨୦୨୬ରେ ରାଉରକେଲାରେ ଆୟୋଜିତ 'ଏଣ୍ଟରପ୍ରାଇଜ୍ ଓଡିଶା' କନକ୍ଲେଭରେ, ମୋ ସରକାର ସଙ୍କଳ୍ପରୁ ପ୍ରଭାବ ଦିଗକୁ ଦୃଢ଼ତାର ସହ ଅଗ୍ରସର ହେଉଛି ।

୨୫- ଉଦ୍ୟୋଗଗୁଡ଼ିକର ବୃହତ ଆନୁଷ୍ଠାନିକୀକରଣ କରିବାକୁ ଯାଇ ମୋ ସରକାର ଡିସେମ୍ବର ୨୦୨୫ ସୁଦ୍ଧା ୧୨.୭୨ ଲକ୍ଷ ଏମଏସଏମଇ ଉଦ୍ୟୋଗକୁ ଉଦ୍ୟମ୍ ପୋର୍ଟାଲ୍ ଅଧୀନରେ ପଞ୍ଜିକୃତ କରିଛନ୍ତି । ଏଥିରେ ୧୨.୬୧ ଲକ୍ଷ ସୂକ୍ଷ୍ମ, ୯୯୫୯ କ୍ଷୁଦ୍ର ଓ ୬୦୧ ମଧ୍ୟମ ଉଦ୍ୟମ ସାମିଲ ହୋଇଛନ୍ତି । ଉଦ୍ୟମ୍ ପଞ୍ଜୀକରଣ ଦ୍ୱାରା ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଗୁଡ଼ିକ ସଂସ୍ଥାଗତ ଆର୍ଥିକ ସହାୟତା, ସରକାରୀ ପ୍ରୋତ୍ସାହନ ଏବଂ ନୀତିଗତ ସମର୍ଥନ ପାଇବାକୁ ସକ୍ଷମ ହେବା ସହିତ ଆନୁଷ୍ଠାନିକ ଅର୍ଥନୀତିରେ ସେମାନଙ୍କର ସମନ୍ୱୟକୁ ସୁଦୃଢ଼

କରିଛନ୍ତି ଏବଂ MSME ବିକାଶ ପାଇଁ ତଥ୍ୟ-ଚାଳିତ ଶାସନକୁ ଉନ୍ନତ କରିଛନ୍ତି । ଏହା ସହିତ, ବିକେନ୍ଦ୍ରୀକରଣ ଶିଳ୍ପ ଅଭିବୃଦ୍ଧିକୁ ସମର୍ଥନ କରିବା ପାଇଁ, ଜିଲ୍ଲା ସ୍ତରୀୟ ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟିଜ୍ (DLSWCA) ମାଧ୍ୟମରେ ୫୦ କୋଟି ଟଙ୍କାରୁ କମ୍ ମୂଲ୍ୟର ପ୍ରକଳ୍ପ ପାଇଁ ନିବେଶ ପ୍ରୋତ୍ସାହନକୁ ସୁବିଧାଜନକ କରାଯାଉଛି । ୨୦୨୫-୨୬ ଆର୍ଥିକ ବର୍ଷର ଡିସେମ୍ବର ୨୦୨୫ ସୁଦ୍ଧା ରାଜ୍ୟରେ ୧୬୪୯.୫୧ କୋଟି ଟଙ୍କାର ୨୩୮ଟି ପୁଞ୍ଜି ନିବେଶ ପ୍ରସ୍ତାବ DLSWCA ଦ୍ୱାରା ଅନୁମୋଦିତ ହୋଇଛି ।

୨୬- ମୋ ସରକାର MSME ବିକାଶ ଓ ସ୍ଥାନୀୟ ଉଦ୍ୟମିତାକୁ ପ୍ରୋତ୍ସାହନ ପାଇଁ ଶିଳ୍ପ ନୀତି ସଂକଳ୍ପ (IPR), ଓଡ଼ିଶା MSME ବିକାଶ ନୀତି ଏବଂ ଓଡ଼ିଶା ଖାଦ୍ୟ ପ୍ରକ୍ରିୟାକରଣ ନୀତିକୁ କାର୍ଯ୍ୟକାରୀ କରୁଛନ୍ତି । ୨୦୨୫-୨୬ ଆର୍ଥିକ ବର୍ଷର ଡିସେମ୍ବର ୨୦୨୫ ସୁଦ୍ଧା IPR ଅଧୀନରେ ୧୫୯ଟି MSME, ୧୧.୪୩ କୋଟି ଟଙ୍କାର ଆର୍ଥିକ ସହାୟତା ପାଇଛନ୍ତି, MSME ବିକାଶ ନୀତି ଅଧୀନରେ ୭୪ଟି MSME ୧୫.୫୧ କୋଟି ଟଙ୍କା ପାଇଛନ୍ତି ଏବଂ ଓଡ଼ିଶା ଖାଦ୍ୟ ପ୍ରକ୍ରିୟାକରଣ ନୀତି ଅଧୀନରେ ୨୧ଟି ଖାଦ୍ୟ

ପ୍ରକ୍ରିୟାକରଣ ଉଦ୍ୟୋଗକୁ ୭.୬୦ କୋଟି ଟଙ୍କା ମଞ୍ଜୁର ଓ ପ୍ରଦାନ କରାଯାଇଛି ।

୨୭- ଉତ୍ପାଦନମୁଖୀ MSME ମାନଙ୍କର କାର୍ଯ୍ୟଶୀଳ ପୁଞ୍ଜି ଋଣ ଉପରେ ସୁଧ ବୋଝ ହ୍ରାସ କରିବାକୁ 'ମୁଖ୍ୟମନ୍ତ୍ରୀ ସୁଧ ପରିଶୋଧ ଯୋଜନା' (CM-SRIM) ଅବଧିକୁ ୨୦୨୪-୨୦୨୫ ଆର୍ଥିକ ବର୍ଷରୁ ୨୦୨୭-୨୦୨୮ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ୩୦.୧୧.୨୦୨୫ ସୁଦ୍ଧା ମୋଟ ୩୪୪୬ ଆବେଦକଙ୍କୁ ସୁଧ ପରିଶୋଧ ବାବଦରେ ୩୫.୧୮ କୋଟି ଟଙ୍କା ପ୍ରଦାନ କରାଯାଇଛି ।

୨୮- ମୋ ସରକାର, ରପ୍ତାନି ପ୍ରୋତ୍ସାହନ ଓ ବିପଣନ ନିର୍ଦ୍ଦେଶାଳୟ (DEP&M) ମାଧ୍ୟମରେ, ଓଡ଼ିଶା ରପ୍ତାନି ନୀତି ୨୦୨୨ ଅନ୍ତର୍ଗତ ବଜାର ସହାୟତା, ଉତ୍ପାଦ ପରୀକ୍ଷଣ, ଦର ଚୁକ୍ତିନାମା, ରପ୍ତାନି ସୁବିଧା ଏବଂ ଆର୍ଥିକ ପ୍ରୋତ୍ସାହନ ମାଧ୍ୟମରେ MSME ଗୁଡ଼ିକୁ ସମର୍ଥନ କରୁଛନ୍ତି । ଚଳିତ ଆର୍ଥିକ ବର୍ଷରେ, ରପ୍ତାନି ପ୍ରୋତ୍ସାହନ ପ୍ରତିପୂରଣ ପୋର୍ଟାଲ (EIRP) ମାଧ୍ୟମରେ ୨୫୪ ଜଣ MSME ରପ୍ତାନିକାରୀଙ୍କୁ ୫୪.୭୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି । କର୍ମଶାଳା, MSME କାର୍ଯ୍ୟଦକ୍ଷତା ବୃଦ୍ଧି ଓ ତ୍ୱରାନ୍ୱିତ (RAMP)

କାର୍ଯ୍ୟାନ୍ୱୟନ ଏବଂ ରପ୍ତାନିକାରୀଙ୍କ ସହ ଆଲୋଚନା ମାଧ୍ୟମରେ ରପ୍ତାନି ପ୍ରୋତ୍ସାହନ କାର୍ଯ୍ୟକଳାପକୁ ସମର୍ଥନ କରାଯାଉଥିବାରୁ, ୨୦୨୫-୨୬ ଆର୍ଥିକ ବର୍ଷରେ ରାଜ୍ୟର ରପ୍ତାନି କାରବାର, ୫୦୯୧୩ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି ।

*ଉପନିଷଦ୍ କହେ, "ସା ବିଦ୍ୟା ଯା ବିମୁକ୍ତୟେ" – ପ୍ରକୃତ ଶିକ୍ଷା ହେଉଛି ଯାହା ସଶକ୍ତ ଏବଂ ମୁକ୍ତ କରେ ।*

୨୯- ମୋ ସରକାର ପବିତ୍ର ବାଣପୁର ମାଟିରୁ ଆକାଂକ୍ଷୀ 'ଗୋଦାବରୀଶ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା'ର ଶୁଭାରମ୍ଭ କରି ଓଡ଼ିଶାର ପ୍ରାଥମିକ ଶିକ୍ଷାର ଇତିହାସରେ ସୁବର୍ଣ୍ଣ ଅଧ୍ୟାୟ ଯୋଡ଼ିଛନ୍ତି । ପ୍ରଥମ ପର୍ଯ୍ୟାୟରେ, ୨୦୨୫-୨୬ରୁ ୨୦୨୮-୨୯ ପର୍ଯ୍ୟନ୍ତ ଚାରି ବର୍ଷରେ ୨୨୦୦ଟି ବିଦ୍ୟାଳୟ ପାଇଁ ୧୨୦୦୦ କୋଟି ଟଙ୍କା ବ୍ୟୟ ହେବ । ଆଧୁନିକ ଶ୍ରେଣୀକକ୍ଷ, ଡିଜିଟାଲ ସାଧନ ଓ କ୍ରୀଡ଼ା ସୁବିଧା ମାଧ୍ୟମରେ ଶିକ୍ଷା ଢାଞ୍ଚା ଓ ଶିକ୍ଷା ପରିବେଶର ମାନ ଉନ୍ନତି ପାଇବ ଏବଂ ପ୍ରତ୍ୟେକ ଶିଶୁ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଦକ୍ଷତାରେ ପାରଦର୍ଶୀ ହେବେ ।

୩୦- ଜାତୀୟ ଶିକ୍ଷା ନୀତି ସହିତ ସମନ୍ୱୟ ରଖି ମୋ ସରକାର ପ୍ରାଥମିକ ଶିକ୍ଷାରେ ପରିବର୍ତ୍ତନକାରୀ ସଂସ୍କାର ଆଣିଛନ୍ତି । NEP ନିର୍ଦ୍ଦେଶାନୁସାରେ ପ୍ରଥମ ଶ୍ରେଣୀରେ ନାମଲେଖା ବୟସ ୬+ ବର୍ଷ କରାଯାଇଛି । ୨୦୨୫-୨୬ ଶିକ୍ଷାବର୍ଷରେ ସମସ୍ତ ସରକାରୀ ପ୍ରାଥମିକ ବିଦ୍ୟାଳୟରେ 'ଶିଶୁ ବାଟିକା' ନାମରେ ୪୫୦୦୦ରୁ ଅଧିକ ପ୍ରାକ୍-ପ୍ରାଥମିକ ଶ୍ରେଣୀ ଆରମ୍ଭ କରାଯାଇ, ପ୍ରଥମଥର ପାଇଁ ୫ରୁ ୬ ବର୍ଷ ବୟସର ପ୍ରାୟ ୩.୨ ଲକ୍ଷ ଶିଶୁ ନାମ ଲେଖାଇଛନ୍ତି । ଏହାସହିତ, ଜାନୁଆରୀ ୨୦୨୫ରେ ରାଜ୍ୟ, ସ୍ଥାନୀୟ ପ୍ରାସଙ୍ଗୀକରଣ ସହିତ ଜାତୀୟ ପାଠ୍ୟକ୍ରମ ଢାଞ୍ଚାକୁ ରାଜ୍ୟ ପାଠ୍ୟକ୍ରମ ଢାଞ୍ଚା ଭାବରେ ଗ୍ରହଣ କରିଛି । ସଂଶୋଧିତ NCF ଅନୁଯାୟୀ ପାଠ୍ୟପୁସ୍ତକ ପ୍ରସ୍ତୁତି ଚାଲିଛି ଏବଂ ୨୦୨୬-୨୭ ଶିକ୍ଷାବର୍ଷରୁ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ସରକାରୀ ବିଦ୍ୟାଳୟରେ ଏହା କାର୍ଯ୍ୟକାରୀ ହେବ ।

୩୧- ପ୍ରଥମ ଥର ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଚିଠି ସହିତ ଏକ ବିଶାଳ ନାମଲେଖା ଅଭିଯାନ ଆରମ୍ଭ କରାଯାଇଥିଲା, ଯାହା ୬ ଲକ୍ଷରୁ ଅଧିକ ପରିବାରଙ୍କ ନିକଟରେ ପହଞ୍ଚିଥିଲା ଏବଂ ସେମାନଙ୍କୁ ଶିଶୁବାଟିକା ଓ ପ୍ରଥମ ଶ୍ରେଣୀରେ ସେମାନଙ୍କ ପିଲାମାନଙ୍କୁ ପ୍ରବେଶ କରାଇବାକୁ ଉତ୍ସାହିତ କରିଥିଲା ।

୨୦୨୫ ଅପ୍ରେଲ ପ୍ରଥମ ସପ୍ତାହରେ, ନୂତନ ଭାବରେ ନାମଲେଖାଇଥିବା ଶିଶୁ ଏବଂ ସେମାନଙ୍କ ଅଭିଭାବକମାନଙ୍କୁ ଉତ୍ସାହିତ କରିବା ପାଇଁ ସମସ୍ତ ସ୍କୁଲରେ 'ପ୍ରବେଶ ଉତ୍ସବ ଓ ଖଡ଼ି ଛୁଆଁ ଉତ୍ସବ' ପାଳନ କରାଯାଇଥିଲା । ଏହା ସହିତ, ପାଠପଢ଼ା ଛାଡିଥିବା ଶିଶୁ, ବିଶେଷ ଆବଶ୍ୟକତା ଥିବା ଶିଶୁ (CwSN) ଏବଂ ବହୁଭାଷୀ ଶିକ୍ଷା ଆବଶ୍ୟକତାକୁ ଚିହ୍ନଟ କରିବାକୁ, ମୋ ସରକାର ଏକ ସ୍ୱତନ୍ତ୍ର ଘରକୁ ଘର ଅଭିଯାନ ୨୦୨୫ ଚଳାଇଛନ୍ତି । ଏହି ସର୍ବେକ୍ଷଣ, ପରବର୍ତ୍ତୀକାଳରେ ଡ୍ରପଆଉଟ୍‌କୁ ପ୍ରତିରୋଧ କରିବା ସହିତ, NEP ୨୦୨୦ର ନିର୍ଦ୍ଦେଶାନୁସାରେ ବିଦ୍ୟାଳୟ ଆସୁନଥିବା ଶିଶୁମାନଙ୍କୁ ପୁନଃ ଶିକ୍ଷା ସହ ଯୋଡ଼ିବାରେ ସହାୟକ ହେବ ।

୩୨- ଅନୁସୂଚିତ ଜାତି (SC), ଅନୁସୂଚିତ ଜନଜାତି (ST), ଅନ୍ୟ ପଛୁଆ ବର୍ଗ (OBC) ଓ ସଂଖ୍ୟାଲଘୁ ସମ୍ପ୍ରଦାୟ ଛାତ୍ରଛାତ୍ରୀଙ୍କ ସଶକ୍ତିକରଣ ପାଇଁ ମୋ ସରକାର ସାମଗ୍ରିକ ବିକାଶ ଲକ୍ଷ୍ୟ ସହିତ ସୁସଙ୍ଗତ ଭାବରେ ବିଭିନ୍ନ ନୀତି, କାର୍ଯ୍ୟକ୍ରମ ଏବଂ ଯୋଜନା ପ୍ରଣୟନ ଓ କାର୍ଯ୍ୟକାରୀ କରିଛନ୍ତି । ମୋ ସରକାର ୧୭୬୫ଟି ବିଦ୍ୟାଳୟ ଏବଂ ୫୯୬୭ଟି ଛାତ୍ରାବାସ ମାଧ୍ୟମରେ ୫.୫୧ ଲକ୍ଷ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଛାତ୍ରଛାତ୍ରୀଙ୍କୁ ଆବାସିକ ବିଦ୍ୟାଳୟ ସୁବିଧା ଯୋଗାଇ

ଦେଇ, ରାଜ୍ୟବ୍ୟାପୀ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଛାତ୍ରଛାତ୍ରୀଙ୍କ ସାମଗ୍ରିକ ବିକାଶ ପାଇଁ ଏକ ସହାୟକ ଶୈକ୍ଷିକ ପରିବେଶ ସୁନିଶ୍ଚିତ କରିଛନ୍ତି ।

୩୩- କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନା ସହଯୋଗ କ୍ରମେ ମୁଖ୍ୟମନ୍ତ୍ରୀ ମେଧାବୀ ଛାତ୍ର ପ୍ରୋତ୍ସାହନ ଯୋଜନା ଅଧୀନସ୍ଥ ଛାତ୍ରବୃତ୍ତି ସମର୍ଥନ କ୍ଷେତ୍ରରେ ମୋ ସରକାର ଉଲ୍ଲେଖନୀୟ ଅଗ୍ରଗତି କରିଛନ୍ତି । ୨୦୨୫-୨୬ରେ, ୭.୨୦ ଲକ୍ଷ ଏସଟି/ଏସସି/ ଓବିସି/ଇବିସି ଛାତ୍ରଛାତ୍ରୀଙ୍କ ପାଇଁ ପ୍ରାକ୍-ମାଟ୍ରିକ୍ ଛାତ୍ରବୃତ୍ତି ଭାବେ ୭୬୦ କୋଟି ଟଙ୍କା ଏବଂ ମାଟ୍ରିକ୍ ପରବର୍ତ୍ତୀ ଛାତ୍ରବୃତ୍ତି ଉଦ୍ଦେଶ୍ୟରେ ୪.୧୭ ଲକ୍ଷ ଛାତ୍ରଛାତ୍ରୀଙ୍କ ପାଇଁ ୫୩୨ କୋଟି ଟଙ୍କା ମଞ୍ଜୁର କରାଯାଇଛି । ସମ୍ପ୍ରତି ମୋ ସରକାର, ପ୍ରାକ୍-ମାଟ୍ରିକ୍ ଛାତ୍ରବୃତ୍ତି ହାରକୁ ଅନୁସୂଚିତ ଜନଜାତି ଏବଂ ଅନୁସୂଚିତ ଜାତି ବାଳକ ଅନ୍ତେବାସୀମାନଙ୍କ ପାଇଁ ମାସିକ ୧୬୦୦ ଟଙ୍କା ଏବଂ ବାଳିକା ଅନ୍ତେବାସୀମାନଙ୍କ ପାଇଁ ମାସିକ ୧୭୦୦ ଟଙ୍କାକୁ ବୃଦ୍ଧି କରିଛନ୍ତି । ସେହିପରି, ଜନଜାତି ଛାତ୍ରଛାତ୍ରୀଙ୍କ ମଧ୍ୟରେ ଡ୍ରପ୍-ଆଉଟ୍ ହାର ହ୍ରାସ କରିବା ପାଇଁ, ମୋ ସରକାର ସହିଦ ମାଧୋ ସିଂହ ହାତ ଖର୍ଚ୍ଚ ଯୋଜନା ମାଧ୍ୟମରେ ୨୦୨୫-୨୬ ଆର୍ଥିକ ବର୍ଷରେ

ଏପର୍ଯ୍ୟନ୍ତ ୭୬୦୭୫ ଜଣ ଜନଜାତି ଛାତ୍ରଛାତ୍ରୀଙ୍କ ପାଇଁ ୩୮ କୋଟି ଟଙ୍କା ମଞ୍ଜୁର କରିସାରିଛନ୍ତି ।

୩୪- ପଛୁଆ ବର୍ଗଙ୍କ ମଧ୍ୟରେ ନିଯୁକ୍ତି ଏବଂ ଜୀବିକା ସୁଯୋଗ ବୃଦ୍ଧି କରିବା ପାଇଁ, ମୋ ସରକାର ୨୦୨୫-୨୬ ମଧ୍ୟରେ ୬୫୩ ଜଣ ଓବିସି/ଏସଇବିସି ଯୁବକଙ୍କୁ ଦକ୍ଷତା ବିକାଶ ତାଲିମ ପ୍ରଦାନ କରିଛନ୍ତି । ଏହା ସହିତ, ରାଜ୍ୟ କ୍ଷେତ୍ର ଯୋଜନା ଅଧୀନରେ ସଂଖ୍ୟାଲଘୁ କଲ୍ୟାଣ ଉଦ୍ଦେଶ୍ୟରେ ବହୁମୁଖୀ ସମ୍ପ୍ରଦାୟ ଓ ସାଂସ୍କୃତିକ କେନ୍ଦ୍ର (MPCC) ନିର୍ମାଣ ପାଇଁ ସମ୍ପୃକ୍ତ ଜିଲ୍ଲାଗୁଡ଼ିକୁ ୩୦ ଲକ୍ଷ ଟଙ୍କା ହାରରେ ୫୦ଟି MPCC ନିର୍ମାଣ ପାଇଁ ପାଣ୍ଠି ଦିଆଯାଇଛି ଏବଂ ସଂଖ୍ୟାଲଘୁ ଛାତ୍ରାବାସ ନିର୍ମାଣ ପାଇଁ ମଧ୍ୟ ବ୍ୟବସ୍ଥା କରାଯାଇଛି ।

୩୫- ସୁଗମ୍ୟ, ଗୁଣବତ୍ତା, ଶିଳ୍ପ ପ୍ରାସଙ୍ଗିକତା, ଡିଜିଟାଲ୍ ସକ୍ଷମତା ଏବଂ ବିଶ୍ୱସ୍ତରୀୟ ପ୍ରତିଯୋଗିତା ଉପରେ ଦୃଢ଼ ଧ୍ୟାନ ଦେଇ, ମୋ ସରକାର ଓଡ଼ିଶାରେ ବୈଷୟିକ ଶିକ୍ଷା ଏବଂ ଦକ୍ଷତା ବିକାଶ ଇକୋସିଷ୍ଟମରେ ଏକ ବ୍ୟାପକ ପରିବର୍ତ୍ତନ ଆଣିଛି । ସୁଦକ୍ଷା ଯୋଜନା ଅଧୀନରେ ୨୦୧୬-୧୭ରେ ITIରେ ବାଳିକାମାନଙ୍କ ନାମଲେଖା ୬%ରୁ ୨୦୨୫-୨୦୨୬ରେ ୨୮%କୁ ବୃଦ୍ଧି ପାଇଛି ଏବଂ ପଲିଟେକ୍ନିକ୍‌ରେ ୨୦୨୨-

୨୦୨୩ରେ ୧୮%ରୁ ୨୦୨୫-୨୦୨୬ରେ ୩୨%କୁ ବୃଦ୍ଧି ପାଇଛି ।

୩୬- ମୋ ସରକାର, ବହୁବିଧ ପ୍ରମୁଖ ପଦକ୍ଷେପ ମାଧ୍ୟମରେ ନିଯୁକ୍ତି ଏବଂ ଉଦ୍ୟୋଗଶୀଳତାକୁ ସୁଦୃଢ଼ କରୁଛନ୍ତି । ପ୍ଲେସମେଣ୍ଟ ଲିଙ୍କ୍ଡ ଟ୍ରେନିଂ ପ୍ରୋଗ୍ରାମ (PLTP)ର ଲକ୍ଷ୍ୟ ହେଉଛି ପୋଷାକ, ନିର୍ମାଣ ଏବଂ ସ୍ୱାସ୍ଥ୍ୟସେବା ଭଳି କ୍ଷେତ୍ରରେ ଦକ୍ଷତା ପ୍ରଦାନ କରି ପ୍ଲେସମେଣ୍ଟ ନିଶ୍ଚିତତା ସହିତ ଯୁବଗୋଷ୍ଠୀଙ୍କ ନିଯୁକ୍ତି ଯୋଗ୍ୟତା ବୃଦ୍ଧି କରିବା । ଏହି କାର୍ଯ୍ୟକ୍ରମ ଅଧୀନରେ ମହିଳା ଅଂଶଗ୍ରହଣ ୨୦୨୧-୨୨ରେ ୩୦%ରୁ ୨୦୨୪-୨୫ରେ ୭୩%କୁ ଦ୍ରୁତ ବୃଦ୍ଧି ପାଇଛି ।

୩୭- ଓଡିଶାର କୁଶଳ ଯୁବକ-ଯୁବତୀମାନଙ୍କ ମଧ୍ୟରେ ଉଦ୍ୟୋଗଶୀଳତାକୁ ପ୍ରୋତ୍ସାହନ ଏବଂ ୨୦୨୩-୨୪ରୁ ୨୦୨୫-୨୦୨୬ ମଧ୍ୟରେ ୧୨୦୦ଟି ନାନୋ-ଉଦ୍ୟୋଗକୁ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପ୍ରତ୍ୟାବର୍ତ୍ତନଯୋଗ୍ୟ ପ୍ରାରମ୍ଭିକ ପୁଞ୍ଜି ସମର୍ଥନ ଦେବାକୁ ଲକ୍ଷ୍ୟ ରଖି ଆରମ୍ଭ କରାଯାଇଥିବା ନାନୋ-ୟୁନିକର୍ଣ୍ଣ ଯୋଜନା ମାଧ୍ୟମରେ ୭୨୫ରୁ ଅଧିକ ପ୍ରାର୍ଥୀ EDP ପ୍ରଶିକ୍ଷଣ ସମ୍ପୂର୍ଣ୍ଣ କରିଛନ୍ତି ଏବଂ ୩୯୩ ଜଣ

ପ୍ରାର୍ଥୀ ପ୍ରାରମ୍ଭିକ ଅର୍ଥରାଶି ପାଇଛନ୍ତି, ଯାହାମଧ୍ୟରୁ ଏପର୍ଯ୍ୟନ୍ତ ୩୦୦ ଜଣ ନିଜ ଉଦ୍ୟୋଗ ସ୍ଥାପନ କରିସାରିଛନ୍ତି ।

୩୮- ଡିଜିଟାଲ ଦକ୍ଷତା ପଦକ୍ଷେପ ଅଧୀନରେ, ୨୦୨୩-୨୪ ପରଠାରୁ Coursera, Autodesk, Microsoft, CISCO ଏବଂ NASSCOM ମାଧ୍ୟମରେ ୨.୬ ଲକ୍ଷରୁ ଅଧିକ ପ୍ରାର୍ଥୀ 'ଭବିଷ୍ୟତ ପାଇଁ ପ୍ରସ୍ତୁତ ପାଠ୍ୟକ୍ରମ'ରେ ନାମ ଲେଖାଇଛନ୍ତି । ଏହା ସହିତ, ଭୁବନେଶ୍ୱରସ୍ଥିତ ବିଶ୍ୱ ଦକ୍ଷତା କେନ୍ଦ୍ର ୪୯୦୦ ରୁ ଅଧିକ ଛାତ୍ରଛାତ୍ରୀଙ୍କୁ ପ୍ରଶିକ୍ଷଣ ଦେଇ ୯୫%ରୁ ଅଧିକ ନିଯୁକ୍ତି ସୁନିଶ୍ଚିତ କରିଛି, ଯାହାମଧ୍ୟରୁ ୨୫୦ରୁ ଅଧିକ ଛାତ୍ରଛାତ୍ରୀ ବିଦେଶରେ ନିଯୁକ୍ତି ପାଇଛନ୍ତି ।

୩୯- ମୋ ସରକାର, ଦକ୍ଷତା ଏବଂ ବୈଷୟିକ ଶିକ୍ଷା ଇକୋସିଷ୍ଟମକୁ ଆହୁରି ସୁଦୃଢ଼ କରିବା ପାଇଁ ୨୦୨୫-୨୬ରେ ପ୍ରମୁଖ ନୂତନ ପଦକ୍ଷେପ ଗ୍ରହଣ କରିଛି । ଆଇଟିଆଇ ପ୍ରଶିକ୍ଷାର୍ଥୀଙ୍କଠାରୁ ଆରମ୍ଭ କରି ବୈଷୟିକ ବିଶ୍ୱବିଦ୍ୟାଳୟରେ ଗବେଷଣାର୍ଥୀଙ୍କ ପର୍ଯ୍ୟନ୍ତ ସମଗ୍ର ଦକ୍ଷତା ଅବଧିରେ ଗୁଣାତ୍ମକ ଉନ୍ନତି ପାଇଁ ୨୦୨୫-୨୦୨୬ରୁ ୨୦୨୭-୨୦୨୮ ତିନି ବର୍ଷ ଅବଧିରେ ୧୨୦ କୋଟି

ଟଙ୍କାର ବ୍ୟୟବରାଦ ସହିତ CM-ASPIRE ଯୋଜନାକୁ ଅନୁମୋଦନ କରାଯାଇଛି ।

୪୦- ଉତ୍କର୍ଷ ଆଇଟିଆଇ ଯୋଜନା, ୨୦୨୫-୨୬ରୁ ୨୦୨୭-୨୮ ତିନି ବର୍ଷ ଅବଧିରେ ମୋଟ ୫୦୦ କୋଟି ଟଙ୍କା ବ୍ୟୟ ସହିତ ପାଞ୍ଚଟି ବିଦ୍ୟମାନ ଆଇଟିଆଇକୁ ଜୋନାଲ ଉତ୍କର୍ଷ ଆଇଟିଆଇ ଭାବରେ ଉନ୍ନୀତ କରିବ, ଶିଳ୍ପ-ପ୍ରସ୍ତୁତ ଭିତ୍ତିଭୂମି ସହିତ ନୂତନ ଯୁଗର ବାଣିଜ୍ୟରେ ପ୍ରବେଶକୁ ବିସ୍ତାର କରିବ ଏବଂ ସେଗୁଡ଼ିକୁ ଉନ୍ନତ ପ୍ରଶିକ୍ଷଣ, ନବୀନତା, ଉଦ୍ୟମିତା ଓ ନିଯୁକ୍ତି ସୁଯୋଗର କେନ୍ଦ୍ର ଭାବେ ସ୍ଥାପିତ କରିବ । ଏହା ସହିତ, ମୋ ସରକାର ଶିଳ୍ପ-ସମନ୍ୱିତ ପ୍ରୟୋଗଶାଳା, ସ୍ମାର୍ଟ ଶ୍ରେଣୀଗୃହ ଏବଂ ପ୍ରଯୁକ୍ତିବିଦ୍ୟା-ସକ୍ଷମ ଶିକ୍ଷା ସୁବିଧା ସୃଷ୍ଟି କରିବା ପାଇଁ ପ୍ରତି ଆଇଟିଆଇ ପାଇଁ ୮ କୋଟି ଟଙ୍କା ଖର୍ଚ୍ଚରେ ୨୫ଟି ସରକାରୀ ଆଇଟିଆଇରେ ଉତ୍କର୍ଷତା କେନ୍ଦ୍ର ପ୍ରତିଷ୍ଠା କରିବାକୁ ଅନୁମୋଦନ କରିଛନ୍ତି ।

୪୧- ପ୍ରାୟୋଗିକ ଓ ବୃତ୍ତିମୂଳକ ଶିକ୍ଷାରେ ଉତ୍କର୍ଷତା ପ୍ରତି ମୋ ସରକାରଙ୍କ ଅବିରତ ଗୁରୁତ୍ୱ ଜାତୀୟ ଓ ଆନ୍ତର୍ଜାତୀୟ ମାନ୍ୟତା ପାଇଛି । କେତେକ ଉଲ୍ଲେଖନୀୟ ସଫଳତା ହେଉଛି, ଭିନ୍ନକ୍ଷମଙ୍କ ପାଇଁ ଜଟଣୀ ସ୍ଥିତ ସ୍ୱତନ୍ତ୍ର ଆଇଟିଆଇର

ସହାୟକ ତାଲିମ ଅଧିକାରୀ ଶ୍ରୀ ସୁରେଶ କୁମାର ମହାନ୍ତିଙ୍କୁ ବୃତ୍ତିଗତ ତାଲିମ ଓ ଉଦ୍ୟୋଗରେ ଉଲ୍ଲେଖନୀୟ ଅବଦାନ ପାଇଁ ନୂଆଦିଲ୍ଲୀରେ ଭାରତର ମାନ୍ୟବର ରାଷ୍ଟ୍ରପତିଙ୍କ ଦ୍ୱାରା ଜାତୀୟ ଶିକ୍ଷକ ପୁରସ୍କାର-୨୦୨୫ ପ୍ରଦାନ କରାଯାଇଥିଲା; ଅକ୍ଟୋବର-ନଭେମ୍ବର ୨୦୨୫ରେ କୋଏମ୍ବାଟୁରରେ ଅନୁଷ୍ଠିତ ଫର୍ମୁଲା ଇମ୍ପେରିଆଲ-ଇଣ୍ଡିଆନ ଫର୍ମୁଲା ଷ୍ଟୁଡେଣ୍ଟ ଇଞ୍ଜିନିୟରିଂ ଡିଜାଇନ୍ ପ୍ରତିଯୋଗିତାରେ ବୁର୍ଲା VSSUTର ଛାତ୍ରମାନେ EV ବର୍ଗରେ ସର୍ବଭାରତୀୟ ସ୍ତରରେ ୨ୟ ସ୍ଥାନ ହାସଲ କରିଥିଲେ; ବ୍ରହ୍ମପୁର ସରକାରୀ ITIର 'ଗ୍ରୀନ ସ୍କିଲ୍ ଫର୍ ୱେଷ୍ଟ ଟୁ ୱେଲଥ' ପଦକ୍ଷେପକୁ UNESCO ଦ୍ୱାରା ବୈଷୟିକ ଏବଂ ବୃତ୍ତିଗତ ଶିକ୍ଷା ଏବଂ ତାଲିମ (TVET)ରେ ଏକ ଅଭିନବ ଏବଂ ପ୍ରତିଶ୍ରୁତିପୂର୍ଣ୍ଣ ଅଭ୍ୟାସ ଭାବରେ ସ୍ୱୀକୃତି ଦିଆଯାଇଛି; ଏବଂ ସରକାରୀ କେନ୍ଦୁଝର ବଡ଼ବିଲ ITIକୁ ଭାରତ ସ୍କିଲ୍ NXT-୨୦୨୫ରେ ପୂର୍ବ ଜୋନରେ ଶ୍ରେଷ୍ଠ ପ୍ରଦର୍ଶନକାରୀ ITI ଭାବରେ ପୁରସ୍କୃତ କରାଯାଇଥିଲା । ଏହାସହିତ, ବ୍ରହ୍ମପୁରର ପାରଳା ମହାରାଜା ଇଞ୍ଜିନିୟରିଂ କଲେଜ ମେକ୍ ଇନ୍ ଇଣ୍ଡିଆ ପଦକ୍ଷେପ ଅଧୀନରେ ସ୍ୱଦେଶୀ ଜ୍ଞାନ କୌଶଳରେ ଉଚ୍ଚ-କ୍ଷମତା ସମ୍ପନ୍ନ ସେମିକଣ୍ଡକ୍ଟର ଚିପ୍ ଏବଂ ମୁହଁ ଚିହ୍ନଟ-ଭିତ୍ତିକ ଅପରାଧୀ ଚିହ୍ନଟକରଣ ପାଇଁ ଏକ

ଉଚ୍ଚ କାର୍ଯ୍ୟଦକ୍ଷତା ଗୁଣକ IC C2S0061 ଡିଜାଇନ୍ ଏବଂ ବିକଶିତ କରିଛି ।

୪୨- ସାମୁଦ୍ରିକ ଓ ଜୈବପ୍ରଯୁକ୍ତି ଗବେଷଣାକୁ ଆଗେଇ ନେବା ପାଇଁ ୧୨ ଅଗଷ୍ଟ ୨୦୨୫ ରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଓଡିଶା ମେରିନ୍ ବାୟୋଟେକ୍ନୋଲୋଜି ରିସର୍ଚ୍ଚ ଆଣ୍ଡ ଇନୋଭେସନ୍ କରିଡୋର (OMBRIC)ର ଶୁଭାରମ୍ଭ କରି, ମୋ ସରକାର ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି । ଜାତୀୟ ଜ୍ଞାନ ଅଂଶୀଦାର ଭାବରେ ଛଅଟି ରାଜ୍ୟ ସହଭାଗୀ ପ୍ରତିଷ୍ଠାନ ଏବଂ ଚେନ୍ନାଇର ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଓସେନ୍ ଟେକ୍ନୋଲୋଜି (NIOT) ସହିତ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି ଏବଂ ଅଷ୍ଟ୍ରେଲିଆର ଜେମସ କୁକ୍ ବିଶ୍ୱବିଦ୍ୟାଳୟ ଆନ୍ତର୍ଜାତୀୟ ଜ୍ଞାନ ଅଂଶୀଦାର ଭାବରେ ସାମିଲ ହୋଇଛି । ଜୈବ ପ୍ରଯୁକ୍ତିବିଦ୍ୟା-ଚାଳିତ ଶିଳ୍ପଗୁଡ଼ିକର ଅର୍ଥନୈତିକ ଅବଦାନର ମୂଲ୍ୟାଙ୍କନ କରିବା ପାଇଁ, ଓଡ଼ିଶାର ପ୍ରଥମ ଜୈବ-ଅର୍ଥନୀତି ରିପୋର୍ଟ ପ୍ରସ୍ତୁତ କରିବାକୁ IIM ସମ୍ବଲପୁର ସହିତ ଏକ ବୁଝାମଣାପତ୍ର ମଧ୍ୟ ସ୍ୱାକ୍ଷରିତ ହୋଇଛି । ଏହା ବ୍ୟତୀତ, ଉନ୍ନତ ସମୁଦ୍ର ବିଜ୍ଞାନ ଗବେଷଣା, ବିପର୍ଯ୍ୟୟ ସ୍ଥିରତା ଏବଂ ସ୍ଥାୟୀ ଉପକୂଳ ଇକୋସିଷ୍ଟମ ପରିଚାଳନା ପାଇଁ, ପୁରୀରେ ଏକ ସାମୁଦ୍ରିକ ଉପକୂଳ

ଅବଜରଭେଟୋରୀ ସହିତ NIOTର ଏକ ଆଞ୍ଚଳିକ କେନ୍ଦ୍ର ପ୍ରତିଷ୍ଠା ପାଇଁ ଭୂ-ମାଲିକାନା ହସ୍ତାନ୍ତରଣ ପ୍ରକ୍ରିୟା ଚାଲିଛି ।

୪୩- ମୋ ସରକାର, ବିଜ୍ଞାନ ଭିତ୍ତିଭୂମି ଓ ସାର୍ବଜନିକ ବୈଜ୍ଞାନିକ ସହଭାଗିତାରେ ଗୁରୁତ୍ୱପୂର୍ଣ୍ଣ ନିବେଶ କରିଛନ୍ତି । ପ୍ରସିଦ୍ଧ ଜ୍ୟୋତିର୍ବିଜ୍ଞାନୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ସ୍ୱରୂପ, ନୟାଗଡ ଜିଲ୍ଲାର ଖଣ୍ଡପଡ଼ାରେ ପଠାଣି ସାମନ୍ତଙ୍କ ଜନ୍ମସ୍ଥାନରେ ଏକ ନୂତନ ପ୍ଲାନେଟୋରିୟମ୍ ପାଇଁ ଶିଳାନ୍ୟାସ କରାଯାଇଛି । ସମାନ୍ତରାଳ ଭାବେ, ଭୁବନେଶ୍ୱରସ୍ଥିତ ପଠାଣି ସାମନ୍ତ ପ୍ଲାନେଟାରିଅମର ସାମଗ୍ରୀକ ଉନ୍ନତିକରଣ ନିମନ୍ତେ ନ୍ୟାସନାଲ୍ କାଉନସିଲ୍ ଅଫ୍ ସାଇନ୍ସ ମ୍ୟୁଜିୟମ୍ସ (NCSM)କୁ ଦାୟିତ୍ୱ ଦିଆଯାଇଛି, ଯେଉଁଥିରେ ନୂତନ ହାଇବ୍ରିଡ୍ ପ୍ଲାନେଟାରିୟମ୍ ସିଷ୍ଟମ୍ ସ୍ଥାପନ, ଆଲୋକ ଓ ଶବ୍ଦ ପ୍ରଦର୍ଶନର ବିକାଶ, ଇଣ୍ଟରାକ୍ଟିଭ୍ ବିଜ୍ଞାନ ଗ୍ୟାଲେରୀ ସୃଷ୍ଟି ଏବଂ ମହାକାଶ ସିମୁଲେଟର ଓ ଭର୍ଚୁଆଲ୍ ରିଆଲିଟି-ଆଧାରିତ ଅଭିଜ୍ଞତା ପ୍ରଚଳନ ଅନ୍ତର୍ଭୁକ୍ତ ।

୪୪- ମୋ ସରକାର, ୧୭ଟି ଉପ-ଯୋଜନାକୁ ଅନ୍ତର୍ଭୁକ୍ତ କରି ୧୧୧୩.୫୦ କୋଟି ଟଙ୍କାର ମୋଟ ବ୍ୟୟ ଅଟକଳରେ ୨୦୨୫-୨୬ରୁ ୨୦୨୯-୩୦ ପର୍ଯ୍ୟନ୍ତ ୫ ବର୍ଷ ମଧ୍ୟରେ

ରାଜ୍ୟରେ ଜୈବପ୍ରଯୁକ୍ତି ଗବେଷଣା, ନବସୃଜନ ଓ ଉଦ୍ୟୋଗର ସୁଦୃଢ଼ୀକରଣ ପାଇଁ ଏକ ପ୍ରମୁଖ ନୀତିଗତ ପଦକ୍ଷେପ 'ଜୈବପ୍ରଯୁକ୍ତି ବିକାଶ' ଯୋଜନା ଗ୍ରହଣ କରିଛନ୍ତି ।

୪୫- ୨୦୨୫-୨୬ରେ, 'ସୁସ୍ଥ ଓଡ଼ିଶା, ସମୃଦ୍ଧ ଓଡ଼ିଶା' ଲକ୍ଷ୍ୟରେ ଓଡ଼ିଶାର ସ୍ୱାସ୍ଥ୍ୟ କ୍ଷେତ୍ର, ଏକ ପରିବର୍ତ୍ତନକାରୀ ସମ୍ପ୍ରସାରଣ କରିଥିଲା । ମୋ ସରକାର, ପୂର୍ବବର୍ଷ ତୁଳନାରେ ସ୍ୱାସ୍ଥ୍ୟ କ୍ଷେତ୍ରରେ ୯% ବୃଦ୍ଧି ସହ ରେକର୍ଡ ୨୩୬୩୫ କୋଟି ଟଙ୍କା ପ୍ରାବଧାନ କରିଛନ୍ତି । ଏକ ପ୍ରମୁଖ ମାଇଲଖୁଣ୍ଟ ସ୍ୱରୂପ ରାଜ୍ୟର ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାକୁ ଜାତୀୟ ଆୟୁଷ୍ମାନ ଭାରତ (AB-PMJAY) ଯୋଜନା ସହିତ ସମ୍ମିଶ୍ରଣ କରି, ୧.୦୩ କୋଟିରୁ ଅଧିକ ପରିବାରକୁ ସାର୍ବଜନୀନ ସ୍ୱାସ୍ଥ୍ୟ ସୁରକ୍ଷା ଯୋଗାଇ ଦିଆଯାଇଛି । ଏହି ସମନ୍ୱୟ, ନଗଦବିହୀନ ଚିକିତ୍ସା ସୁବିଧାକୁ ଦେଶବ୍ୟାପୀ ୯୦୦ରୁ ୨୯୦୦୦ରୁ ଅଧିକ ତାଲିକାଭୁକ୍ତ ହସ୍ପିଟାଲକୁ ବିସ୍ତାର କରିଥିଲା ।

୪୬- ରାଜ୍ୟର ସାର୍ବଜନୀନ ସ୍ୱାସ୍ଥ୍ୟସେବା ପ୍ରଦାନରେ ପ୍ରଥମ ଥର ପାଇଁ କୃତ୍ରିମ ବୁଦ୍ଧିମତ୍ତା(AI)ର ସମନ୍ୱୟ ସହିତ, ଜଗତ୍ସିଂହପୁର, ଭଦ୍ରକ, ଢେଙ୍କାନାଳ ଏବଂ ନବରଙ୍ଗପୁରରେ

ଚାରୋଟି MBBS କଲେଜ ସମେତ ନଅଟି ନୂତନ ଭେଷଜ ଶିକ୍ଷାନୁଷ୍ଠାନକୁ ଅନୁମୋଦନ କରାଯିବା ସହିତ ସ୍ୱାସ୍ଥ୍ୟ ଭିତ୍ତିଭୂମିରେ ମଧ୍ୟ ବ୍ୟାପକ ଉନ୍ନତି ଘଟିଛି । ୨୦୨୫-୨୬ ଶିକ୍ଷାବର୍ଷରୁ ଫୁଲବାଣୀ ଓ ତାଳଚେରରେ ଦୁଇଟି ନୂତନ ମେଡିକାଲ କଲେଜ ଖୋଲି, ରାଜ୍ୟ ଆହୁରି ୨୦୦ MBBS ସିଟ୍ ବୃଦ୍ଧି କରିବା ଯୋଗୁଁ ଜନଜାତି ଓ ଅନୁନ୍ନତ ଅଞ୍ଚଳରେ ଡାକ୍ତର-ରୋଗୀ ଅନୁପାତକୁ ଉଲ୍ଲେଖନୀୟ ଭାବରେ ସଙ୍କୁଚିତ କରିଛି ।

୪୭- ଦେଶରେ ତମାଖୁ ନିୟନ୍ତ୍ରଣ ପାଇଁ ଏକ ଐତିହାସିକ ଜନସ୍ୱାସ୍ଥ୍ୟ ହସ୍ତକ୍ଷେପ ଭାବରେ, ମୋ ସରକାର କଠୋର ପଦକ୍ଷେପ ସ୍ୱରୂପ ସମସ୍ତ ତମାଖୁ ଏବଂ ନିକୋଟିନ୍ ଯୁକ୍ତ ପଦାର୍ଥର ଉତ୍ପାଦନ, ପ୍ରକ୍ରିୟାକରଣ, ପ୍ୟାକେଜିଂ, ସଂରକ୍ଷଣ, ପରିବହନ, ବଣ୍ଟନ ଏବଂ ବିକ୍ରୟ ଉପରେ ସମ୍ପୂର୍ଣ୍ଣ ନିଷେଧ ଜାରି କରିଛନ୍ତି । ତମାଖୁ କିମ୍ବା ନିକୋଟିନ ଥିବା ଯେକୌଣସି ଖାଦ୍ୟ ଉତ୍ପାଦ ସମେତ, ଗୁଟକା, ପାନ ମସଲା ଏବଂ ଗ୍ରାହକମାନଙ୍କ ଦ୍ୱାରା ମିଶ୍ରିତ ହେବା ପାଇଁ ପୃଥକ ପ୍ୟାକେଟରେ ବିକ୍ରି କରାଯାଉଥିବା ସମାନ ପ୍ରକାର ଦ୍ରବ୍ୟଗୁଡ଼ିକ ଏଥିରେ ଅନ୍ତର୍ଭୁକ୍ତ କରାଯାଇଛି ।

୪୮- କ୍ରୀଡ଼ା କ୍ଷେତ୍ରରେ ଓଡ଼ିଶା ତାହାର ପ୍ରତିଭାର ପ୍ରଦର୍ଶନ ସ୍ୱରୂପ, ରାଜ୍ୟର ଖେଳାଳିମାନେ ଗତ କ୍ୟାଲେଣ୍ଡର ବର୍ଷରେ ଜାତୀୟ ଓ ଅନ୍ତର୍ଜାତୀୟ ମଞ୍ଚରେ ଉଲ୍ଲେଖନୀୟ ପ୍ରଦର୍ଶନ କରି, ପ୍ରାୟ ୬୦୦ଟି ପଦକ ଜିତିଥିଲେ । ଭାରତର ପ୍ରଥମ କଣ୍ଟିନେଣ୍ଟାଲ ଟୁର୍ ବ୍ରୋଞ୍ଜ, ଏସୀୟ ଟେବୁଲ ଟେନିସ୍ ଚାମ୍ପିଅନସିପ ଏବଂ ଓଡ଼ିଶା ମାଷ୍ଟର୍ସ BWF ଟୁର୍ ସୁପର ୧୦୦ ଟୁର୍ଣ୍ଣାମେଣ୍ଟ ସମେତ ଅନେକ ସମ୍ମାନଜନକ ଇଭେଣ୍ଟ ଆୟୋଜନ କରିବାର ଗୌରବ ମଧ୍ୟ ରାଜ୍ୟକୁ ମିଳିଥିଲା । ଆସନ୍ତା ବର୍ଷରେ ହକି ଇଣ୍ଡିଆ ଲିଗ୍, ରଗବି ସବ୍-ଜୁନିୟର ଜାତୀୟ ପ୍ରତିଯୋଗିତା, ଏଫ୍ଆଇଏଚ୍ ପ୍ରୋ ଲିଗ୍ ଏବଂ ଇନଡୋର ଆଥଲେଟିକ୍ସ ଜାତୀୟ ପ୍ରତିଯୋଗିତାରୁ ଏହି ଗତିଶୀଳତା ଅବ୍ୟାହତ ରହିବ ଏବଂ ଆହୁରି ସୁଦୃଢ଼ ହେବ ।

*'ସବକା ସାଥ'କୁ ଆମର ମାର୍ଗଦର୍ଶକ, 'ସବକା ବିକାଶ'କୁ ଆମର ଯାତ୍ରା ଏବଂ 'ସବକା ବିଶ୍ୱାସ'କୁ ଆମର ଶକ୍ତି ଭାବରେ ନେଇ, ଓଡ଼ିଶା ଆତ୍ମବିଶ୍ୱାସର ସହିତ ଭିଜନ ୨୦୩୬ ଆଡକୁ ଅଗ୍ରସର ହେଉଛି ।*

୪୯- ମୋ ସରକାର ମହିଳା ସଶକ୍ତିକରଣ, ସୁରକ୍ଷା ଏବଂ ମର୍ଯ୍ୟାଦାକୁ ସୁଦୃଢ଼ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛନ୍ତି । ମୋ ସରକାରଙ୍କ ପ୍ରମୁଖ ମହିଳା କଲ୍ୟାଣ

କାର୍ଯ୍ୟକ୍ରମ, ସୁଭଦ୍ରା ଅଧୀନରେ ଏପର୍ଯ୍ୟନ୍ତ ୧.୧୨ କୋଟିରୁ ଅଧିକ ଆବେଦନ ଗ୍ରହଣ କରାଯାଇଛି ଏବଂ ତିନୋଟି କିସ୍ତିରେ ୧ କୋଟିରୁ ଅଧିକ ହିତାଧିକାରୀଙ୍କୁ ସୁଭଦ୍ରା ସହାୟତା ରାଶି ବାବଦରେ ୧୫୦୦୦ କୋଟିରୁ ଅଧିକ ଟଙ୍କା ପ୍ରଦାନ କରାଯାଇଛି ।

୫୦- ମହିଳାମାନଙ୍କ ପାଇଁ ସୁଗମ ଏବଂ ଗୋଷ୍ଠୀ-ଭିତ୍ତିକ ଅଭିଯୋଗ ସମାଧାନ ସୁନିଶ୍ଚିତ କରିବା ପାଇଁ ଆକାଂକ୍ଷୀ ଜିଲ୍ଲାର ୧୦ଟି ଗ୍ରାମ ପଞ୍ଚାୟତରେ ନାରୀ ଅଦାଲତ ସ୍ଥାପନ କରାଯାଇଛି । ହିଂସା ଦ୍ୱାରା ପ୍ରଭାବିତ ମହିଳାଙ୍କୁ ସମନ୍ୱିତ ସହାୟତା ପ୍ରଦାନ କରିବା ପାଇଁ ୱାନ୍ ଷ୍ଟପ୍ ସେଣ୍ଟର ସ୍ଥାପନ କରାଯାଇଛି, ଆଉ ନଅଟି ଅତିରିକ୍ତ କେନ୍ଦ୍ରକୁ ଅନୁମୋଦନ କରାଯାଇଛି ଏବଂ ଚଳିତ ବର୍ଷ ପ୍ରାୟ ୬୫୩୨ ମହିଳାଙ୍କୁ ଉପକୃତ କରିଛି । ମହିଳା ହେଲପଲାଇନ୍ ୧୮୧, ଶିଶୁ ହେଲପଲାଇନ୍ ୧୦୯୮ ଓ ERSS-୧୧୨ର ଏକତ୍ରିକରଣ କରାଯାଇ ୨୪X୭ ଆପାତକାଳୀନ ସହାୟତା ବ୍ୟବସ୍ଥା ସୁନିଶ୍ଚିତ ହୋଇଛି, ଯାହା ଦ୍ୱାରା ଏପର୍ଯ୍ୟନ୍ତ ପ୍ରାୟ ୯୬୪୫ ମହିଳା ସହାୟତା ପାଇଛନ୍ତି । କର୍ମଜୀବି ମହିଳାମାନଙ୍କୁ ସମର୍ଥନ କରିବା ଏବଂ ସେମାନଙ୍କ କଲ୍ୟାଣ ସୁନିଶ୍ଚିତ କରିବା ପାଇଁ,

ଓଡିଶାର ଦୀର୍ଘମିଆଦି ଦୃଷ୍ଟିକୋଣ ଅନୁସାରେ ଭୁବନେଶ୍ୱରରେ ୨ଟି 'କର୍ମଜୀବି ମହିଳା ଆବାସ' ଅନୁମୋଦିତ ହୋଇଛି ।

୫୧- ମୋ ସରକାର SHG ବ୍ୟାଙ୍କ କ୍ରେଡିଟ୍ ଲିଙ୍କେଜ୍ ମାଧ୍ୟମରେ ସାଂସ୍ଥାଗତ ଆର୍ଥିକ ସଂଯୋଗକୁ ଯଥେଷ୍ଟ ପରିମାଣରେ ସମ୍ପ୍ରସାରିତ କରିଛି । ୨୦୨୪-୨୫ ଆର୍ଥିକ ବର୍ଷରେ, ୩.୫୨ ଲକ୍ଷ ସ୍ୱୟଂ ସହାୟକ ଗୋଷ୍ଠୀକୁ ୧୭୪୫୪ କୋଟି ଟଙ୍କାର ବ୍ୟାଙ୍କ ଋଣ ପ୍ରଦାନ କରାଯାଇଥିଲା, ଯାହା ଫଳରେ ହାରାହାରି ସ୍ୱୟଂ ସହାୟକ ଗୋଷ୍ଠୀ ଋଣ ପରିମାଣ ୪.୯୫ ଲକ୍ଷକୁ ବୃଦ୍ଧି ପାଇଛି । ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ୨୦ ହଜାର କୋଟି ଟଙ୍କାର ବ୍ୟାଙ୍କ କ୍ରେଡିଟ୍ ଲିଙ୍କେଜ୍ ଲକ୍ଷ୍ୟ ରଖାଯାଇଛି ଏବଂ ଏପର୍ଯ୍ୟନ୍ତ ୧.୬୧ ଲକ୍ଷ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଋଣ ପ୍ରଦାନ କରାଯାଇଛି ।

୫୨- NRLM ଅନ୍ତର୍ଗତ 'ଲକ୍ଷପତି ଦିଦି' ପଦକ୍ଷେପ, SHG ସଦସ୍ୟାମାନଙ୍କୁ ବାର୍ଷିକ ଅନ୍ୟୂନ ୧ ଲକ୍ଷ ଟଙ୍କା ରୋଜଗାର କରିବାରେ ସକ୍ଷମ କରି ଉଲ୍ଲେଖନୀୟ ସଫଳତା ପ୍ରଦାନ କରିଛି । ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଲକ୍ଷପତି ଦିଦି ସୃଷ୍ଟି ଧାର୍ଯ୍ୟ ଲକ୍ଷ୍ୟ ୧୬.୧୯ ଲକ୍ଷ ଥିବା ବେଳେ, ୧୬.୪୨ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି କରାଯାଇଛି । ବୀମା ଯୋଜନା

ଅଧୀନରେ ନାମଲେଖା ଏବଂ ନବୀକରଣ ମାଧ୍ୟମରେ SHG ସଦସ୍ୟଙ୍କ ପାଇଁ ସାମାଜିକ ସୁରକ୍ଷା ଅନ୍ତର୍ଭୁକ୍ତିକରଣକୁ ସୁଦୃଢ଼ କରାଯାଇଛି ।

୫୩- ମୋ ସରକାର, ଜୀବିକା ନିର୍ବାହ ପ୍ରୟାସ ମାଧ୍ୟମରେ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ସରକାରୀ କ୍ରୟ ଓ ସେବା ପ୍ରଦାନରେ ପ୍ରମୁଖ ଅଂଶୀଦାର ଭାବରେ ଅବସ୍ଥାପିତ କରିଛି । ୨୦୨୪-୨୫ ଆର୍ଥିକ ବର୍ଷରେ, ଏକ ଲକ୍ଷରୁ ଅଧିକ ସ୍ୱୟଂ ସହାୟକ ଗୋଷ୍ଠୀ, କ୍ରୟ ଓ ସେବାର ସୁବ୍ୟବସ୍ଥିତ ଆଉଟସୋର୍ସିଂ ମାଧ୍ୟମରେ ୪୪୨୨ କୋଟି ଟଙ୍କାର ସରକାରୀ ବ୍ୟବସାୟ ସୃଷ୍ଟି କରିଥିଲେ । ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ବର୍ତ୍ତମାନ ୧୯ଟି ସରକାରୀ ବିଭାଗର କାର୍ଯ୍ୟକଳାପରେ ନିୟୋଜିତ ଅଛନ୍ତି, ଯାହାକି ଗଭୀର ସାଂଗଠନିକ ସମନ୍ୱୟକୁ ପ୍ରତିଫଳିତ କରୁଛି ।

୫୪- ମହିଳା ନେତୃତ୍ୱାଧୀନ ଉଦ୍ୟୋଗକୁ ପ୍ରୋତ୍ସାହିତ କରିବା ପାଇଁ, ରାଜ୍ୟ ସୁଧ ସହାୟତା ଯୋଜନା ଅଧୀନରେ ସମୟୋଚିତ ଋଣ ପ୍ରତିଶୋଧ କଲେ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସୁଧମୁକ୍ତ ଋଣ ପ୍ରାପ୍ତ କରିବାର ସୁବିଧା ଯୋଗାଇ ଦିଆଯାଇଛି । ୨୦୨୪-୨୫ ଆର୍ଥିକ ବର୍ଷରେ, ୩

ଲକ୍ଷ SHG ଆକାଉଣ୍ଟକୁ ୩୦୦ କୋଟି ଟଙ୍କାର ସୁଧ ଛାଡ଼ ଅର୍ଥ ରାଶି ଫେରସ୍ତ କରାଯାଇଥିଲା । ୨୦୨୫-୨୬ ଆର୍ଥିକ ବର୍ଷରେ, ଏପର୍ଯ୍ୟନ୍ତ ୨ ଲକ୍ଷରୁ ଅଧିକ SHGଙ୍କୁ ୨୨୮ କୋଟି କୋଟି ଟଙ୍କାର ସୁଧ ଫେରସ୍ତ କରାଯାଇଛି ।

୫୫- ମୋ ସରକାର ସ୍ୱୟଂ ସହାୟକ ଗୋଷ୍ଠୀ ମହାସଂଘଗୁଡ଼ିକୁ ସୁଦୃଢ଼ କରିବା ଏବଂ ଭିତ୍ତିଭୂମି ସହାୟତା ଯୋଗାଇବା ପାଇଁ ବ୍ୟାପକ ଭାବରେ ପ୍ରତିଷ୍ଠାନ ଗଠନ କାର୍ଯ୍ୟ ଆରମ୍ଭ କରିଛି । ପ୍ରତ୍ୟେକ ଗ୍ରାମ ପଞ୍ଚାୟତ ଏବଂ ୧୧୪ଟି ସହରାଞ୍ଚଳର ପ୍ରତ୍ୟେକ ୱାର୍ଡରେ ମିଶନ ଶକ୍ତି ଗୃହ ନିର୍ମାଣ କାର୍ଯ୍ୟ ହାତକୁ ନିଆଯାଇଛି ଏବଂ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ୬୫୦୦ରୁ ଅଧିକ ମିଶନ ଶକ୍ତି ଗୃହ ଆବଣ୍ଟିତ କରାଯାଇଛି । 'ସୁଭଦ୍ରା ଶକ୍ତି କେନ୍ଦ୍ର' ପଦକ୍ଷେପ ଅଧୀନରେ ୩୩୮ଟି ବ୍ଲକ୍-ସ୍ତରୀୟ କେନ୍ଦ୍ର ଓ ୩୦ଟି ଜିଲ୍ଲା-ସ୍ତରୀୟ କେନ୍ଦ୍ର ନିର୍ମାଣ ବ୍ୟବସ୍ଥା କରାଯାଇଥିଲା, ଯାହା ମଧ୍ୟରୁ ୩୨୨ଟି ବ୍ଲକ୍ କେନ୍ଦ୍ର ଓ ୧୩ଟି ଜିଲ୍ଲା କେନ୍ଦ୍ର ସମ୍ପୂର୍ଣ୍ଣ ହୋଇଛି ।

୫୬- ମୋ ସରକାର ଦକ୍ଷତା, ଉତ୍ପାଦକତା ଏବଂ ଉଦ୍ୟୋଗ ପ୍ରସ୍ତୁତିରେ ଉନ୍ନତି ଆଣିବା ପାଇଁ କ୍ଷମତା ବୃଦ୍ଧି ଉପରେ ପ୍ରମୁଖ ଗୁରୁତ୍ୱ ଦେଇଛନ୍ତି । ପୋଷାକ ପ୍ରସ୍ତୁତିରେ ତାଲିମ

ଦିଆଯାଇଥିବା ୧୦୧୯ ଜଣ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟଙ୍କ ମଧ୍ୟରୁ ୪୧୧ ଜଣ ନିଯୁକ୍ତି କିମ୍ବା ଉଦ୍ୟୋଗୀତାରେ ନିୟୋଜିତ ହୋଇଥିବାବେଳେ ୨୧୦୫ ଜଣ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟଙ୍କୁ ସୌନ୍ଦର୍ଯ୍ୟ ଚିକିତ୍ସା ସେବାରେ ତାଲିମ ଦିଆଯାଇଥିଲା । ମିଲେଟ୍ ଶକ୍ତି କାଫେ ପରିଚାଳନା କରୁଥିବା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟମାନଙ୍କୁ ବ୍ୟବସାୟ ପରିଚାଳନା ଏବଂ ଖାଦ୍ୟ ପ୍ରସ୍ତୁତି ପ୍ରଣାଳୀ ବିଷୟରେ ତାଲିମ ଦିଆଯାଇଥିଲା । ୧୭୦୦୦ରୁ ଅଧିକ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଦକ୍ଷତା ଏବଂ ପୁନଃ- ତାଲିମ ଗ୍ରହଣ କରିଛନ୍ତି ।

୫୭- ମୋ ସରକାର ସୁଭଦ୍ରା ଶକ୍ତି ମେଳା ୨୦୨୫ ଆୟୋଜନ କରିଥିଲେ, ଯାହା ୮.୮୯ କୋଟି ଟଙ୍କା ରୋଜଗାର କରିଥିଲା ଓ ୯୧୮ ଲକ୍ଷପତି ଦିଦି ସୃଷ୍ଟି କରିଥିଲା ଏବଂ ନଭେମ୍ବର ୨୦୨୫ରେ ଏହାର ଦ୍ୱିତୀୟ ସଂସ୍କରଣରେ ୧୨ କୋଟି ଟଙ୍କା ରୋଜଗାର କରିଥିଲା, ୩୨୮ ଲକ୍ଷପତି ଦିଦି ଓ ୧୦ ମହାଲକ୍ଷପତି ଦିଦି ସୃଷ୍ଟି କରିଥିଲା । ଏହା ସହିତ, ମହିଳା ସଶକ୍ତିକରଣକୁ ଆହୁରି ସୁଦୃଢ଼ କରିବାକୁ ପ୍ରଥମ ଥର ପାଇଁ ବ୍ଲକ, ଜିଲ୍ଲା ଓ ରାଜ୍ୟ ସ୍ତରରେ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ଉତ୍ସବ ଆୟୋଜନ କରାଯାଇଥିଲା ।

୫୮- ଅନାଦି କାଳରୁ ଆମର ସଭ୍ୟତା ଜାଣେ ଯେ, ସମାଜର ଶକ୍ତି କିପରି ତା'ର ପିଲାମାନଙ୍କୁ ଲାଳନପାଳନ କରେ ଯେଉଁଥିରୁ ସେମାନଙ୍କର ବିକାଶ ହୋଇଥାଏ । ପ୍ରତ୍ୟେକ ଶିଶୁ ଆଗାମୀ କାଲିର ଭବିଷ୍ୟତ; ତେଣୁ ମୋ ସରକାର ଏହାକୁ ସ୍ୱୀକାର କରନ୍ତି ଯେ ପ୍ରତ୍ୟେକ ଶିଶୁଙ୍କ ସୁରକ୍ଷା, ଶିକ୍ଷା ଓ ସଶକ୍ତିକରଣକୁ ଆଧାର କରି ଓଡ଼ିଶାର ୨୦୩୬ ଓ ୨୦୪୭ ଯାତ୍ରା ନିର୍ଭର କରେ ।

୫୯- ୨୦୨୫-୨୬ ଆର୍ଥିକ ବର୍ଷରେ ୬ ବର୍ଷରୁ କମ୍ ବୟସ୍କ ଶିଶୁ, ଗର୍ଭବତୀ ଓ ସ୍ତନ୍ୟପାନକାରୀ ମା ଓ କିଶୋରୀ କନ୍ୟାମାନଙ୍କ ସମେତ ପ୍ରାୟ ୪୭.୭୮ ଲକ୍ଷ ହିତାଧିକାରୀଙ୍କ ସ୍ୱାସ୍ଥ୍ୟ ଓ ପୌଷ୍ଟିକ ସ୍ଥିତିରେ ଉନ୍ନତି ଆଣିବା ପାଇଁ ପରିପୂରକ ପୁଷ୍ଟିସାର କାର୍ଯ୍ୟକ୍ରମ (SNP), କିଶୋରୀ ବାଳିକା ଯୋଜନା (SAG) ଏବଂ ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା (MSPY) ଅଧୀନରେ ସେମାନଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇ ଦିଆଯାଇଛି ।

୬୦- ମୋ ସରକାର, ଅଙ୍ଗନୱାଡି କର୍ମୀଙ୍କ ଦକ୍ଷତା ବୃଦ୍ଧି ଓ ପ୍ରଭାବଶାଳୀ କାର୍ଯ୍ୟକ୍ରମ କାର୍ଯ୍ୟାନ୍ୱୟନ ସୁନିଶ୍ଚିତ କରିବାକୁ ରାଜ୍ୟର ୮୪୧୮ ଅଙ୍ଗନୱାଡି କେନ୍ଦ୍ର (AWC)କୁ

'ଅଙ୍ଗନୱାଡି ଜ୍ଞାନ କେନ୍ଦ୍ର' ଭାବେ ଉନ୍ନୀତ କରିଛନ୍ତି । ଜ୍ଞାନ କେନ୍ଦ୍ର ସହିତ ସଂଯୁକ୍ତ ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକର କ୍ଷମତା ବୃଦ୍ଧି ପାଇଁ କର୍ମୀମାନେ ସଚେତନତା କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି ।

୬୧- ମୋ ସରକାରଙ୍କ ଅଭିନବ ମମତା ଯୋଜନାରେ ୬୮.୪୨ ଲକ୍ଷ ଗର୍ଭବତୀ ଓ ସ୍ତନ୍ୟପାନକାରୀ ମହିଳାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ୩୭୬୭ କୋଟି ଟଙ୍କା ସ୍ଥାନାନ୍ତର କରାଯାଇ, ସେମାନଙ୍କୁ ଲାଭାନ୍ୱିତ କରାଯାଇଛି । ପ୍ରଥମ ଓ ଦ୍ୱିତୀୟ ସନ୍ତାନର ପ୍ରସବ ପୂର୍ବରୁ ଓ ପରେ ମହିଳାମାନେ ଯେପରି ପର୍ଯ୍ୟାପ୍ତ ବିଶ୍ରାମ ନେଇପାରିବେ ତାହା ସୁନିଶ୍ଚିତ କରିବା ପାଇଁ, ମଜୁରୀ କ୍ଷତିର ଆଂଶିକ କ୍ଷତିପୂରଣ ସ୍ୱରୂପ ନଗଦ ପ୍ରୋତ୍ସାହନ ଯୋଗାଇବା ଉଦ୍ଦେଶ୍ୟରେ, ମୋ ସରକାର ୧ ଅପ୍ରେଲ ୨୦୨୫ ଠାରୁ ମମତା ସହିତ ପ୍ରଧାନମନ୍ତ୍ରୀ ମାତୃବନ୍ଦନା ଯୋଜନା (PM-MVY)କୁ ସମ୍ମିଳିତ ଭାବେ କାର୍ଯ୍ୟକାରୀ କରିବାକୁ ଅନୁମୋଦନ କରିଛନ୍ତି।

୬୨- ଲୋକସେବା ଭବନ, କୃଷି ଭବନ ଓ ଖାରବେଳ ଭବନରେ କ୍ରେଚ୍ ସୁବିଧା ସୃଷ୍ଟି କରାଯାଇଛି ଏବଂ ତୋଷାଳି ଭବନ, ରାଜୀବ ଭବନ, ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶାଳୟ ଓ ରାଜସ୍ୱ

ପରିଷଦ, କଟକକୁ ସମ୍ପ୍ରସାରଣ ଯୋଜନା କରାଯାଇଛି । ସମସ୍ତ ୩୦ଟି ଜିଲ୍ଲାରେ କ୍ରେଚ୍ ପାଇଁ ପ୍ରତ୍ୟେକଙ୍କୁ ୩ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି । ଝାରସୁଗୁଡା ଓ କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କ୍ରେଚ୍ କାର୍ଯ୍ୟକ୍ଷମ ଅଛି । ସେହିପରି, ମୋ ସରକାର କର୍ମଜୀବୀ ମାଆମାନଙ୍କୁ ସହାୟତା ଦେବା ପାଇଁ ପାଳନ ଆରମ୍ଭ କରିଛନ୍ତି । ଅଙ୍ଗନୱାଡି ଓ କ୍ରେଚ୍ ପାଇଁ ୨୦୨୫-୨୬ ଆର୍ଥିକ ବର୍ଷରେ ୧୬୮ଟି ଅଙ୍ଗନୱାଡି କେନ୍ଦ୍ର ଚିହ୍ନଟ କରାଯାଇ, ପ୍ରତି କେନ୍ଦ୍ର ପିଛା ୫୦୦୦୦ ଟଙ୍କା ସହାୟତା ରାଶି ଦିଆଯାଇଛି ।

୬୩- ମୋ ସରକାର, ସମନ୍ୱିତ ଓ ବହୁ-କ୍ଷେତ୍ରୀୟ ହସ୍ତକ୍ଷେପ ମାଧ୍ୟମରେ ବାଲ୍ୟବିବାହ ଘଟଣାକୁ ବ୍ୟବସ୍ଥିତ ଭାବେ ପ୍ରତିରୋଧ ଓ ନିୟନ୍ତ୍ରଣ କରିବା ପାଇଁ ଓଡିଶା ରାଜ୍ୟ ଶିଶୁ ବିବାହ ନିରାକରଣ ପାଇଁ କୌଶଳଗତ କାର୍ଯ୍ୟଯୋଜନା (୨୦୨୪–୨୦୨୯) ପ୍ରସ୍ତୁତ କରିଛନ୍ତି । ବାଲ୍ୟ ବିବାହ ନିରୋଧ ଅଧିକାରୀଙ୍କ (CMPO) ସଂଖ୍ୟା ମଧ୍ୟ ବୃଦ୍ଧି କରିବାକୁ, ମୋ ସରକାର, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (PEO), ସରକାରୀ ଆବାସିକ ଛାତ୍ରାବାସର ୱାର୍ଡେନ/ମାଟ୍ରନମାନଙ୍କୁ CMPO ଭାବରେ ଘୋଷଣା କରିଛନ୍ତି । ଏହା ସହିତ, ଉଚ୍ଚଶିକ୍ଷା ବିଭାଗ ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା

ବିଭାଗ ଅଧୀନରେ ଥିବା ସମସ୍ତ ଅଧ୍ୟକ୍ଷ ଏବଂ ପ୍ରଧାନଶିକ୍ଷକମାନଙ୍କୁ ସେମାନଙ୍କ ଆଇନଗତ ପରିସର ମଧ୍ୟରେ ଥିବା CMPO ମାନଙ୍କୁ ସହାୟତା କରିବା ପାଇଁ ବାଲ୍ୟ ବିବାହ ସୂଚନା ଅଧିକାରୀ ଭାବରେ ଘୋଷଣା କରାଯାଇଛି ।

୬୪- ମୋ ସରକାର, 'ସର୍ବଜନ ସୁଖାୟ, ସର୍ବଜନ ହିତାୟ' ଅର୍ଥାତ, ସମସ୍ତଙ୍କର ସମୃଦ୍ଧି ଓ ସମସ୍ତଙ୍କର କଲ୍ୟାଣ'ର ସ୍ଥାୟୀ ନୀତି ଦ୍ୱାରା ଅନୁପ୍ରାଣିତ ହୋଇ, ଅବହେଳିତ ଲୋକଙ୍କର ଉନ୍ନତି ପାଇଁ, 'ଅନ୍ତର୍ଭୁକ୍ତିକୁ ପ୍ରଗତି' ଓ 'ସମାନତାକୁ ବିକାଶ'ର ମୂଳଦୁଆ କରିବା ପାଇଁ ପ୍ରତିବଦ୍ଧ । ମୋ ସରକାରଙ୍କ ପ୍ରୟାସ ଯୋଗୁଁ, ଆଦି କର୍ମଯୋଗୀ ଅଭିଯାନ ଅଧୀନରେ ଓଡ଼ିଶାକୁ ଆଦିବାସୀ ବ୍ୟାପାର ମନ୍ତ୍ରାଳୟ ଦ୍ୱାରା ଶ୍ରେଷ୍ଠ ପ୍ରଦର୍ଶନକାରୀ ରାଜ୍ୟ ଭାବରେ ମାନ୍ୟତା ଦିଆଯାଇଛି ଏବଂ ମୟୂରଭଞ୍ଜ ଓ କେଉଁଝରକୁ ମଧ୍ୟ ଜିଲ୍ଲାସ୍ତରୀୟ ପୁରସ୍କାର ମିଳିଛି ।

୬୫- ବିଶେଷ ଭାବେ ଅନୁନ୍ନତ ଜନଜାତି ସମୁଦାୟ (PVTGs) ପାଇଁ PM-JANMAN ପଦକ୍ଷେପ ୧୪ଟି ଜିଲ୍ଲାରେ କାର୍ଯ୍ୟକାରୀ ହେଉଛି, ଯାହା ୬୮୬୦୫ ପରିବାରର ୩.୧୫ ଲକ୍ଷ PVTGଙ୍କୁ ଉପକୃତ କରୁଛି । ୩୧ ଡିସେମ୍ବର ୨୦୨୫

ସୁଦ୍ଧା, ୭୪ଟି ବହୁମୁଖୀ କେନ୍ଦ୍ର (MPC) ମଞ୍ଜୁର କରାଯାଇଛି, ସେଥିମଧ୍ୟରୁ ୩୧ଟି ସମ୍ପୂର୍ଣ୍ଣ ହୋଇଛି, ୧୫ଟି ଶେଷ ପର୍ଯ୍ୟାୟରେ, ୨୬ଟି ଛାତ ସ୍ତରରେ ଏବଂ ଅବଶିଷ୍ଟ ଭିତ୍ତିଭୂମି ପର୍ଯ୍ୟାୟରେ ଅଛି । ଏହା ସହିତ, ଶିକ୍ଷା ମନ୍ତ୍ରଣାଳୟ ୨୦୨୩-୨୪ରୁ ୨୦୨୫-୨୬ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ଜନଜାତି ଛାତ୍ରଛାତ୍ରୀଙ୍କ ପାଇଁ ୭୬ଟି ଛାତ୍ରାବାସ ଅନୁମୋଦନ କରିଛି, ଯାହା ଆବାସିକ ଶିକ୍ଷା ଢାଞ୍ଚାକୁ ସୁଦୃଢ କରୁଛି ।

୬୬- ମୋ ସରକାର, TDCCOL ମାଧ୍ୟମରେ ଲଘୁ ବନଜାତ ଦ୍ରବ୍ୟ (MFPs) ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟ (MSP) ଯୋଜନା କାର୍ଯ୍ୟକାରୀ କରୁଛନ୍ତି, ଯାହା ଗତ ପାଞ୍ଚ ବର୍ଷ ମଧ୍ୟରେ ୩୫୦୦୦ ମେଟ୍ରିକ୍ ଟନ୍ MFP କ୍ରୟ କରିଛି ଏବଂ ୧୪ ଜିଲ୍ଲାରେ ୧୨୦୦ SHG/ପ୍ରାଥମିକ କ୍ରୟ ଏଜେନ୍ସି (PPA) ସହିତ ୩୦୦୦୦ରୁ ଅଧିକ ଜନଜାତି ସଂଗ୍ରହକାରୀଙ୍କୁ MSP ଭାବରେ ପ୍ରାୟ ୧୦୩ କୋଟି ଟଙ୍କା ହସ୍ତାନ୍ତର କରିଛି । ଫ୍ଲେଭର ଅଫ୍ ଇଣ୍ଡିଆ - ଦି ଫାଇନ୍ କପ୍ ପୁରସ୍କାର ମାଧ୍ୟମରେ ଜାତୀୟ ସ୍ତରରେ ସ୍ୱୀକୃତି ଲାଭ କରିଥିବା କୋରାପୁଟ କଫିକୁ ପ୍ରୋତ୍ସାହିତ କରିବା ପାଇଁ TDCCOLକୁ ମଧ୍ୟ ମନୋନୀତ କରାଯାଇଛି ।

୬୭- କୃଷକଙ୍କ ସମୃଦ୍ଧିକୁ ଦ୍ୱିଗୁଣିତ କରିବା ଏବଂ ଗ୍ରାମୀଣ ଭାରତକୁ ସୁଦୃଢ଼ କରିବାର ଦୃଷ୍ଟିକୋଣ ଦ୍ୱାରା ପରିଚାଳିତ, ମୋ ସରକାର, ଫାର୍ମଗୁଡ଼ିକୁ ଅଭିବୃଦ୍ଧି ଇଞ୍ଜିନରେ ଏବଂ ଗ୍ରାମଗୁଡ଼ିକୁ ସୁଯୋଗ କେନ୍ଦ୍ରରେ ପରିଣତ କରୁଛନ୍ତି । ସମୃଦ୍ଧ କୃଷକ ଯୋଜନାରେ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ମୂଲ୍ୟରେ ଧାନ କ୍ରୟ ପାଇଁ ୬୦୦୦ କୋଟି ଟଙ୍କା ଏବଂ CM-KISAN ଯୋଜନାରେ, ଆୟ ବୃଦ୍ଧି ଓ ଚାଷର ବିବିଧତା ପାଇଁ ୨୦୨୦ କୋଟି ଟଙ୍କା ବ୍ୟୟ କରାଯିବା ଫଳରେ ଚାଷ ସହିତ ଜଡ଼ିତ ପରିବାରର ମୁଣ୍ଡପିଛା ଆୟ ଯଥେଷ୍ଟ ବୃଦ୍ଧି ପାଇଛି ।

୬୮- ମୋ ସରକାର, ପୂର୍ବ ସମସ୍ତ ରେକର୍ଡକୁ ଅତିକ୍ରମ କରି, ୨୦୨୪-୨୫ରେ ୧୫୦.୪୮ ଲକ୍ଷ ମେଟ୍ରିକ୍ ଟନ୍ ଫସଲ ଉତ୍ପାଦନ ହାସଲ କରିଛି, ଯାହାକି ୨୦୦୦-୦୧ରେ ରେକର୍ଡ ହୋଇଥିବା ୫୫.୩୫ ଲକ୍ଷ ମେଟ୍ରିକ୍ ଟନ୍ ତୁଳନାରେ ପ୍ରାୟ ତିନି ଗୁଣ ଅଧିକ ।

୬୯- ପିଏମ୍-କିଷାନ୍ ଓ ସିଏମ୍-କିଷାନ୍ ମାଧ୍ୟମରେ କୃଷକମାନଙ୍କ ଆୟ ସହାୟତା ସୁଦୃଢ଼ କରାଯାଇଛି । ପିଏମ୍-କିଷାନ୍ ଅଧୀନରେ, ପ୍ରତିବର୍ଷ ତିନୋଟି ସମାନ କିସ୍ତିରେ ସର୍ବମୋଟ ୬୦୦୦ ଟଙ୍କା ହସ୍ତାନ୍ତର କରାଯାଉଛି; ୧୯ ନଭେମ୍ବର

୨୦୨୫ରେ ପ୍ରଦାନ କରାଯାଇଥିବା ୨୧ତମ କିସ୍ତିରେ ୩୪.୧୩ ଲକ୍ଷ ହିତାଧିକାରୀ ସମୟୋଚିତ ସହାୟତା ପାଇଛନ୍ତି । ସିଏମ୍-କିଷାନ୍ ଅଧୀନରେ, ୨୯୯୧ କୋଟି ଟଙ୍କାରୁ ଅଧିକ ଋଣ ବଣ୍ଟନ କରାଯାଇଛି, ଯାହା ଦ୍ୱାରା ୩୨୩୬ ଜଣ PVTG ଚାଷୀ ଏବଂ ୩୧୬୯୫ ଜଣ ସହରାଞ୍ଚଳ ଚାଷୀ ସମେତ ୫୧.୫୪ ଲକ୍ଷରୁ ଅଧିକ ଚାଷୀ ଉପକୃତ ହୋଇଛନ୍ତି ।

୭୦- ମୋ ସରକାର, ମିଲେଟ୍ ଏବଂ ଜୈବିକ ଚାଷକୁ ଲକ୍ଷ୍ୟଭିତ୍ତିକ ମିଶନ୍ ମାଧ୍ୟମରେ ପ୍ରୋତ୍ସାହନ ଦେଉଛନ୍ତି । ଶ୍ରୀଅନ୍ନ ଅଭିଯାନ ଅଧୀନରେ, ଓଡ଼ିଶାକୁ ଭାରତର ବାଜରା ହବ୍ କରିବା ପାଇଁ ବାଜରା ଉତ୍ପାଦନ ଓ ବ୍ୟବହାର ବୃଦ୍ଧି କରାଯାଉଛି, ୨୦୨୫-୨୬ ମସିହାରେ ଡିବିଟି ମାଧ୍ୟମରେ ବାଜରା ଆଧାରିତ ଯନ୍ତ୍ରପାତି ପାଇଁ ସବସିଡି, ଚାରୋଟି ସ୍ଥାନୀୟ ମାଣ୍ଡିଆ ପ୍ରଜାତି ଚିହ୍ନଟ, ବିହନ ଉତ୍ପାଦନ, ୩୨୦ ହେକ୍ଟରରୁ ଅଧିକ ଜମିରେ ବିହନ ଗ୍ରାମ କାର୍ଯ୍ୟକ୍ରମ ଏବଂ ୧୩୭୨ ହେକ୍ଟରରୁ ଅଧିକ ଜମିରେ ଜୈବିକ ଚାଷ ଓ ପ୍ରମାଣପତ୍ର ପ୍ରଦାନ କରାଯାଉଛି । ୨୦୨୪-୨୫ KMSରେ, ପ୍ରତି କ୍ୱିଣ୍ଟାଲ ସର୍ବନିମ୍ନ ସହାୟକ ମୂଲ୍ୟ ଉପରେ ୨୧୦ ଟଙ୍କାର ବର୍ଦ୍ଧିତ ପ୍ରୋତ୍ସାହନ ରାଶି ସହିତ ୭.୫ ଲକ୍ଷ କ୍ୱିଣ୍ଟାଲ ମାଣ୍ଡିଆ କିଣାଯାଇଥିଲା ।

୭୧- ମୋ ସରକାର, ଜୈବିକ ଚାଷକୁ ପ୍ରୋତ୍ସାହିତ କରିବା, ସମସ୍ତ ୩୧୪ ବ୍ଲକରେ ମୃତ୍ତିକା ଜୈବିକ କାର୍ବନ ଉନ୍ନତ କରିବା, କନ୍ଧମାଳ ଓ ମାଲକାନଗିରିରେ ଜୈବିକ କ୍ଲଷ୍ଟର ବିକାଶ କରିବା ଏବଂ ଛଅଟି ଜିଲ୍ଲାରେ ଉଦ୍ୟାନ କୃଷି କ୍ଲଷ୍ଟର ପାଇଁ ୧୫୫ କୋଟି ଟଙ୍କା ବ୍ୟୟ ସହିତ ୨୦୨୫-୨୦୨୬ରୁ ୨୦୨୯-୨୦୩୦ ପର୍ଯ୍ୟନ୍ତ ୫ ବର୍ଷ ମଧ୍ୟରେ କାର୍ଯ୍ୟକାରୀ ହେବାକୁ ଥିବା ବଳଭଦ୍ର ଜୈବିକ ଚାଷ ମିଶନ ଆରମ୍ଭ କରିଛନ୍ତି ।

୭୨- କେନ୍ଦ୍ର ସରକାରଙ୍କ SASCI ଯୋଜନା ଅଧୀନରେ Agristack ଗ୍ରହଣରେ ନେତୃତ୍ୱ ପାଇଁ ମୋ ସରକାର, ଡିଜିଟାଲ ଫସଲ ସର୍ଭେ ପାଇଁ ୧୦୦ କୋଟି ଟଙ୍କା ଏବଂ କୃଷକ ପଞ୍ଜିକରଣ ସୃଷ୍ଟି ପାଇଁ ୫୫ କୋଟି ଟଙ୍କା, ଏହିପରି ଭାବେ ୧୫୫ କୋଟି ଟଙ୍କା ପ୍ରୋତ୍ସାହନ ପାଇଛନ୍ତି । ଏହା, ରାଜ୍ୟ ସରକାରଙ୍କ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକୁ ପାଣ୍ଠି ଯୋଗାଇବା ପାଇଁ ବ୍ୟବହୃତ ହେବ । କୃଷି ଯାନ୍ତ୍ରିକୀକରଣକୁ ପ୍ରାଥମିକତା ଦେଇ, ୨୦୦୦-୨୦୦୧ ମସିହାରେ ହେକ୍ଟର ପିଛା କୃଷି ଶକ୍ତି ଉପଲବ୍ଧତାକୁ ୦.୬୧ କିଲୋୱାଟରୁ ୨୦୨୪-୨୦୨୫ ମସିହାରେ ୨.୬୧ କିଲୋୱାଟକୁ ବୃଦ୍ଧି କରାଯାଇଛି; ୨୦୩୬

ସୁଦ୍ଧା ୩.୫୦ କିଲୋୱାଟ୍/ହେକ୍ଟର ଲକ୍ଷ୍ୟ ଏବଂ ୨୦୪୭ ସୁଦ୍ଧା ୪.୫୦ କିଲୋୱାଟ୍/ହେକ୍ଟରର ଦୃଷ୍ଟିକୋଣ ରହିଛି ।

୭୩- ମୋ ସରକାର, ଭବିଷ୍ୟତ ପିଢ଼ି ପାଇଁ ପରିବେଶଗତ ସ୍ଥାୟୀତ୍ୱକୁ ସୁଦୃଢ଼ କରିବା ସହିତ ନିଜ ମା'ଙ୍କ ନାମରେ ଜୀବନକୁ ପୋଷଣ କରିବାର ପ୍ରତୀକ ଭାବେ 'ଏକ ପେଡ୍ ମା କେ ନାମ ୨.୦' ମାଧ୍ୟମରେ ଜଳବାୟୁ-ସଚେତନ କୃଷି ଏବଂ ସଂଗୋଷ୍ଠୀ ଅଂଶଗ୍ରହଣକୁ ଉନ୍ନତ କରିଛି । ଏହି ପଦକ୍ଷେପ ଅଧୀନରେ, ମୋ ସରକାର, ୧୭ ସେପ୍ଟେମ୍ବର ୨୦୨୫ରେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଜୀଙ୍କ ଜନ୍ମବାର୍ଷିକୀରେ ଅନୁଷ୍ଠିତ ଚାରାରୋପଣ ଅଭିଯାନରେ ରାଜ୍ୟର ବିଭିନ୍ନ ଅଂଶୀଦାରମାନଙ୍କୁ ଆମ୍ବ, ଲେମ୍ବୁ, ପିଜୁଳି, ନଡ଼ିଆ ପଣସ ଆଦି ୪୧ ଲକ୍ଷ ଚାରା ବଣ୍ଟନ କରିଥିଲେ ।

୭୪- ଜାତୀୟ ଖାଦ୍ୟ ସୁରକ୍ଷା ଆଇନ (NFSA) ଅନୁଯାୟୀ, ରାଜ୍ୟ ବର୍ତ୍ତମାନ ମାସିକ ୧.୮୮ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ କେନ୍ଦ୍ରୀୟ ଆବଣ୍ଟନ ଆକାରରେ ପାଉଛି, ଯାହା ରାଜ୍ୟର ୧୧୭୨୫ଟି ସୁଲଭ ମୂଲ୍ୟ ଦୋକାନ ମାଧ୍ୟମରେ ୨.୯୧ ଲକ୍ଷ ପ୍ରାଥମିକ ପରିବାର (PHH) ହିତାଧିକାରୀ ଏବଂ ୧୨.୩୬ ଲକ୍ଷ ଅନ୍ତ୍ୟୋଦୟ ଅନ୍ନ ଯୋଜନା (AAY)

ପରିବାର ମଧ୍ୟରେ ବଣ୍ଟନ କରାଯାଉଛି । ଏହା ବ୍ୟତୀତ, ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା (SFSS) ଅଧୀନରେ ଏପର୍ଯ୍ୟନ୍ତ ୧.୧୫ ଲକ୍ଷ ପରିବାରକୁ ଅନ୍ତର୍ଭୁକ୍ତ କରାଯାଇ, ପ୍ରତି ହିତାଧିକାରୀ ପିଛା ମାସିକ ୫ କିଲୋଗ୍ରାମ ଚାଉଳ ବିନା ମୂଲ୍ୟରେ ଯୋଗାଇ ଦିଆଯାଉଛି । ଏହା ସହିତ, ମୋ ସରକାର, ସେପ୍ଟେମ୍ବରରୁ ନଭେମ୍ବର ୨୦୨୫ ତିନି ମାସ ଅବଧି ମଧ୍ୟରେ NFSA ଅଧୀନରେ ୯୬.୪୮ ଲକ୍ଷ ପରିବାର ଏବଂ SFSS ଅଧୀନରେ ୧.୩୮ ଲକ୍ଷ ପରିବାରକୁ ପ୍ରତି କାର୍ଡରେ ମାସିକ ୫ କିଲୋଗ୍ରାମ ଅତିରିକ୍ତ ପୁଷ୍ଟିସାର ଯୁକ୍ତ ଚାଉଳ ଯୋଗାଇ ଦେଇଛନ୍ତି ।

୭୫- ମୃତ ଏବଂ ଅଯୋଗ୍ୟ ବ୍ୟକ୍ତିଙ୍କୁ ବାଦ ଦେଇ ଏବଂ ଯୋଗ୍ୟ ହିତାଧିକାରୀଙ୍କୁ ଅନ୍ତର୍ଭୁକ୍ତ କରି ରାସନ କାର୍ଡ ତଥ୍ୟକୁ ସ୍ୱଚ୍ଛ କରିବା ପାଇଁ ମାନ୍ୟବର ସୁପ୍ରିମକୋର୍ଟଙ୍କ ତତ୍ତ୍ୱାବଧାନରେ ଜୁଲାଇ ୨୦୨୪ରୁ ଇ-କେୱାଇସି ପ୍ରକ୍ରିୟା ଆରମ୍ଭ ହୋଇଥିଲା । ଏପର୍ଯ୍ୟନ୍ତ, ପ୍ରାୟ ୩.୧୨ ଲକ୍ଷ ହିତାଧିକାରୀଙ୍କ ଇ-କେୱାଇସି ଅର୍ଥାତ ପ୍ରାୟ ୯୬%, ସଫଳତାର ସହ ସମାପ୍ତ ହୋଇଛି । ନୂତନ ରାସନ କାର୍ଡ ପାଇଁ ସାରା ରାଜ୍ୟରେ ୧୫ ଲକ୍ଷ ଆବେଦନ ଗ୍ରହଣ କରାଯାଇଛି ଏବଂ ମୋ ସରକାର SFSS ଅଧୀନରେ ଗ୍ରାମାଞ୍ଚଳ ପାଇଁ

୧୩.୫୦ ଲକ୍ଷ ହିତାଧିକାରୀ ଏବଂ ସହରାଞ୍ଚଳ ପାଇଁ ୧.୫୦ ଲକ୍ଷ ହିତାଧିକାରୀଙ୍କ ନିର୍ଦ୍ଧାରଣ କରିଛନ୍ତି । ଏହା ସହିତ, ଇ-କେୱାଇସି ଏବଂ ଅଯୋଗ୍ୟ ରାସନ କାର୍ଡ ଧାରକଙ୍କ ଚିହ୍ନଟ ପରେ, ଯୋଗ୍ୟ ହିତାଧିକାରୀଙ୍କୁ ଅନ୍ତର୍ଭୁକ୍ତ କରାଯାଉଛି ଏବଂ ଏପର୍ଯ୍ୟନ୍ତ ମୋଟ ୩.୨୩ ଲକ୍ଷ ଯୋଗ୍ୟ ପରିବାରର ୬.୪୦ ଲକ୍ଷ ନୂତନ ହିତାଧିକାରୀଙ୍କୁ ଖାଦ୍ୟ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି ।

୭୬- ମୋ ସରକାରଙ୍କ ଦ୍ୱାରା ହାତକୁ ନିଆଯାଇଥିବା ଆଇଟି-ସକ୍ଷମ କ୍ରୟ ପ୍ରକ୍ରିୟା ଏବଂ ପ୍ରାଥମିକ କୃଷି ସମବାୟ (PACS), ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (WSHG) ଏବଂ ପାଣି ପଞ୍ଚାୟତର ସହାୟତାରେ ତାହାକୁ ସୁଗମ କରିଥିବା ଓଡ଼ିଶା ରାଜ୍ୟ ବେସାମରିକ ଯୋଗାଣ ନିଗମ ଲିମିଟେଡ୍, ଧାନ ବିକ୍ରୟ କରିବାକୁ ଇଚ୍ଛୁକ ସମସ୍ତ ଚାଷୀଙ୍କ ନିକଟରେ ପହଞ୍ଚିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ୨୦୨୪-୨୫ ଖରିଫ ଋତୁ (KMS)ରେ ପ୍ରାୟ ୨୦ ଲକ୍ଷ ଯୋଗ୍ୟ ପଞ୍ଜିକୃତ ଚାଷୀଙ୍କଠାରୁ ପ୍ରାୟ ୯୨.୬୪ ଲକ୍ଷ ମେଟ୍ରିକ୍ ଟନ୍ ଧାନ କ୍ରୟ କରାଯାଇଛି, ଯାହା ଉଭୟ ଧାନ ସଂଗ୍ରହ ଓ ଚାଷୀ ପଞ୍ଜୀକରଣ କ୍ଷେତ୍ରରେ ଓଡିଶାର ଇତିହାସରେ ସର୍ବାଧିକ । ସଂଗୃହିତ ଧାନରୁ ଚାଉଳ ଉତ୍ପାଦନ,

୨୦୧୫-୧୬ ଖରିଫ ଋତୁରେ ପ୍ରାୟ ୩୪.୩୬ ଲକ୍ଷ ମେଟ୍ରିକ ଟନରୁ ବୃଦ୍ଧି ପାଇ ୨୦୨୪-୨୫ ଖରିଫ ଋତୁରେ ୬୨.୮୫ ଲକ୍ଷ ମେଟ୍ରିକ ଟନ୍‌କୁ ପହଞ୍ଚିଛି ।

୭୭- ମୋ ସରକାର, ଗ୍ରାମୀଣ ସଡ଼କ ସଂଯୋଗୀକରଣ ପାଇଁ MMSY-ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ଅଧୀନରେ ୨୦୨୫-୨୬ ଆର୍ଥିକ ବର୍ଷରେ ଗ୍ରାମୀଣ ଭିତ୍ତିଭୂମି ବିକାଶରେ ଦୃଢ଼ ଓ ଦୃଶ୍ୟମାନ ସଫଳତା ହାସଲ କରିଛନ୍ତି । MMSY-ନୂତନ ସଂଯୋଗୀକରଣ ଅଧୀନରେ, ଡିସେମ୍ବର ୨୦୨୫ ସୁଦ୍ଧା ଧାର୍ଯ୍ୟଲକ୍ଷ୍ୟ ୩୬୩.୩୬ କିଲୋମିଟର ରାସ୍ତା ମଧ୍ୟରୁ ୧୫୯.୨୨ କିଲୋମିଟର ରାସ୍ତା ନିର୍ମାଣ ହୋଇଛି । MMSY-ବିଦ୍ୟମାନ RD ରାସ୍ତାର ଉନ୍ନତି ଅଧୀନରେ, ୧୧୪୦.୩୮ କିଲୋମିଟର ରାସ୍ତା ସମ୍ପୂର୍ଣ୍ଣ ହୋଇଛି, ଏବଂ ଚଳିତ ବର୍ଷ ୨୭୧୧.୬୫ କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ ୬୪୮ ରାସ୍ତା ପ୍ରକଳ୍ପକୁ ଅନୁମୋଦନ କରାଯାଇଛି । ଏହା ଗ୍ରାମୀଣ ବସତିଗୁଡ଼ିକୁ ସଂଯୋଗ କ୍ଷେତ୍ରରେ ଉଲ୍ଲେଖନୀୟ ଉନ୍ନତି ଆଣିଛି ଏବଂ ଗୁରୁତ୍ୱପୂର୍ଣ୍ଣ ଗ୍ରାମୀଣ କରିଡରଗୁଡ଼ିକୁ ସୁଦୃଢ଼ କରୁଛି ।

୭୮- ସେହି ସମୟ ମଧ୍ୟରେ, ମୋ ସରକାର ଅନ୍ୟାନ୍ୟ MMSY ଉପାଦାନ ମାଧ୍ୟମରେ ଗ୍ରାମୀଣ ସଂଯୋଗୀକରଣକୁ ଯଥେଷ୍ଟ ପରିମାଣରେ ସମ୍ପ୍ରସାରିତ କରିଛନ୍ତି । MMSY-ସ୍ଥାନାନ୍ତରିତ ରାସ୍ତା ଉନ୍ନତି କାର୍ଯ୍ୟକ୍ରମ (TRIP) ଅଧୀନରେ, ୨୦୨୫-୨୬ ଆର୍ଥିକ ବର୍ଷରେ ୧୧୨୧.୫୩ କିଲୋମିଟର ରାସ୍ତା ସମ୍ପୂର୍ଣ୍ଣ ହୋଇଛି ଏବଂ ୩୭୮୯.୬୦ କିଲୋମିଟର ବିଶିଷ୍ଟ ୮୬୮ଟି ନୂତନ ରାସ୍ତା ପ୍ରକଳ୍ପ ଅନୁମୋଦନ କରାଯାଇଛି । MMSY-ଅସଂଯୋଜିତ ରାସ୍ତା ସଂଯୋଗୀକରଣ(CMRL) ଅଧୀନରେ, ୩୮୫.୯୫ କିଲୋମିଟର ରାସ୍ତା ସମ୍ପୂର୍ଣ୍ଣ ହୋଇଛି ଏବଂ ୮୦୫.୨୫ କିଲୋମିଟରକୁ ନେଇ ୨୬୦ ରାସ୍ତା ପ୍ରକଳ୍ପ ଅନୁମୋଦନ କରାଯାଇଛି । MMSY-ଦୁର୍ଗମ ଅଞ୍ଚଳର ଅସଂଯୋଜିତ ଗ୍ରାମ ସଂଯୋଗୀକରଣ (CUVDA) ଅଧୀନରେ, ବର୍ଷକ ମଧ୍ୟରେ ୧୫୧.୨୮ କିଲୋମିଟର ରାସ୍ତା ସମ୍ପୂର୍ଣ୍ଣ ହୋଇଛି ଏବଂ ୩୬୩.୬୬ କିଲୋମିଟର ଅଞ୍ଚଳକୁ ନେଇ ୫୫ଟି ରାସ୍ତା ପ୍ରକଳ୍ପ ଅନୁମୋଦନ କରାଯାଇଛି । ମୋ ସରକାର, ୨୦୨୫-୨୬ ଆର୍ଥିକ ବର୍ଷରେ ଏକ ନୂତନ ଯୋଜନା MMSY-ବିପର୍ଯ୍ୟୟ ପ୍ରତିରୋଧୀ ରାସ୍ତା (DRR) ମଧ୍ୟ ପ୍ରବର୍ତ୍ତନ କରିଛନ୍ତି, ଯାହା ଅଧୀନରେ ବାତ୍ୟା, ବନ୍ୟା ଓ ପ୍ରବଳ ବର୍ଷା ପ୍ରତି ସ୍ଥିରତା ବୃଦ୍ଧି କରିବା ପାଇଁ ୪୭୫.୫୯

କିଲୋମିଟର ଲମ୍ବ ବିଶିଷ୍ଟ ୭୯ଟି ରାସ୍ତା ପ୍ରକଳ୍ପ ଅନୁମୋଦନ କରାଯାଇଛି ।

୭୯- ମୋ ସରକାର, ୨୦୨୫-୨୬ ମଧ୍ୟରେ ଅସଂଯୋଗୀକରଣ ଗୁଡ଼ିକୁ ଦୂର କରିବା ଏବଂ ଗ୍ରାମୀଣ ସେତୁ ଭିତ୍ତିଭୂମିକୁ ସୁଦୃଢ଼ କରିବା ଉପରେ ବିଶେଷ ଗୁରୁତ୍ୱ ଦେଇଛନ୍ତି । ସେତୁ ବନ୍ଧନ ଯୋଜନା ଅଧୀନରେ, ଚଳିତ ଆର୍ଥିକ ବର୍ଷରେ ୨୧୭ଟି ସେତୁ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି ଏବଂ ୩୭୪ଟି ନୂତନ ସେତୁ ପ୍ରକଳ୍ପ ଅନୁମୋଦନ କରାଯାଇଛି । ସେତୁ-ତଥା-ଆଡ଼ିବନ୍ଧ କାର୍ଯ୍ୟକ୍ରମ ଅଧୀନରେ, ୨୦୨୫-୨୬ ଆର୍ଥିକ ବର୍ଷରେ ୩୯ଟି ସେତୁ-ତଥା-ଆଡ଼ିବନ୍ଧ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି ଏବଂ ୮୩ଟି ନୂତନ ସେତୁ-ତଥା-ଆଡ଼ିବନ୍ଧ ପ୍ରକଳ୍ପ ଅନୁମୋଦନ କରାଯାଇଛି, ଯାହା କ୍ଷୁଦ୍ର ଜଳସେଚନ, ଭୂତଳ ଜଳ ପୁନଃ-ସଂରକ୍ଷଣ, ପଶୁପାଳନ, ମତ୍ସ୍ୟଚାଷ ଏବଂ ସ୍ଥାନୀୟ ଜୀବିକାରେ ଯୋଗଦାନ କରୁଛି ।

୮୦- ମୋ ସରକାର, ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ଅଧୀନରେ, ୨୦୨୫-୨୬ ଆର୍ଥିକ ବର୍ଷରେ ଗ୍ରାମୀଣ ସଂଯୋଗୀକରଣକୁ ସୁଦୃଢ଼ କରିବା ଜାରି ରଖି, ଡିସେମ୍ବର ୨୦୨୫ ସୁଦ୍ଧା ୨୩୦.୦୩ କିଲୋମିଟର ରାସ୍ତା ଏବଂ ୧୪ଟି

ସେତୁ ନିର୍ମାଣ ସମାପ୍ତ କରିଛନ୍ତି । ପ୍ରଧାନମନ୍ତ୍ରୀ-ଜନମନ ଯୋଜନା ଅଧୀନରେ ଜନଜାତି ଏବଂ ବିଶେଷ ଭାବେ ଅନୁନ୍ନତ ଜନଜାତି ସମୁଦାୟ (PVTG)ଙ୍କ ଅଣସଂଯୋଜିତ ବସତି ଗୁଡ଼ିକୁ ସଡ଼କ ସଂଯୋଗୀକରଣ ଉପରେ ବିଶେଷ ଧ୍ୟାନ ଦିଆଯାଇ, ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଧାର୍ଯ୍ୟଲକ୍ଷ୍ୟ ୧୪୨.୮୭ କିଲୋମିଟର ମଧ୍ୟରୁ ଡିସେମ୍ବର ୨୦୨୫ ସୁଦ୍ଧା ୨୦.୦୮ କିଲୋମିଟର ରାସ୍ତା ସମ୍ପୂର୍ଣ୍ଣ ହୋଇଛି ।

୮୧- ମୋ ସରକାର, ଗ୍ରାମୀଣ କୋଠା ନିର୍ମାଣ, ନବୀକରଣ ଓ ମରାମତି କ୍ଷେତ୍ରରେ, ୨୦୨୫-୨୬ ଆର୍ଥିକ ବର୍ଷର ଡିସେମ୍ବର ୨୦୨୫ ସୁଦ୍ଧା ଉଲ୍ଲେଖନୀୟ ପ୍ରଗତି ହାସଲ କରିଛନ୍ତି । ଚଳିତ ବର୍ଷ, ୮୦ଟି ଗ୍ରାମୀଣ ନିର୍ମାଣ କୋଠା ନିର୍ମାଣ ସମ୍ପୂର୍ଣ୍ଣ ହୋଇଛି ଏବଂ ୩୯୧ଟି କୋଠା ନିର୍ମାଣାଧୀନ ରହିଛି । ଏହା ସହିତ, ବିଭିନ୍ନ ବିଭାଗର ୬୮୪ଟି ସରକାରୀ କୋଠା ନିର୍ମାଣ ସମାପ୍ତ ହୋଇଛି ଏବଂ ୨୧୮୧ଟି କୋଠା ନିର୍ମାଣାଧୀନ ଅଛି । ଏହି କୋଠା ଗୁଡିକ ସ୍ୱାସ୍ଥ୍ୟ, ଶିକ୍ଷା, ଛାତ୍ରାବାସ, ବାତ୍ୟା ଓ ବନ୍ୟା ଆଶ୍ରୟ ସ୍ଥଳୀ, ନ୍ୟାୟିକ ଭିତ୍ତିଭୂମି ଓ ଅନ୍ୟାନ୍ୟ ସାଧାରଣ ସେବା ସୁବିଧା ଅନ୍ତର୍ଭୁକ୍ତ ଅଟେ ।

୮୨- ୨୦୨୫-୨୬ ଆର୍ଥିକ ବର୍ଷରେ, ଗ୍ରାମୀଣ ଗୃହ ନିର୍ମାଣ କ୍ଷେତ୍ରରେ ମୋ ସରକାର, ୧.୮୮ ଲକ୍ଷ ପକ୍କା ଘର ନିର୍ମାଣ ସମେତ ପ୍ରଧାନମନ୍ତ୍ରୀ ଆବାସ ଯୋଜନା-ଗ୍ରାମୀଣ (PMAY-G) ଅଧୀନରେ ୧.୩୭ ଲକ୍ଷ ଘର ଏବଂ ପ୍ରଧାନମନ୍ତ୍ରୀ-ଜନମନ ଅଧୀନରେ PVTG ପରିବାର ପାଇଁ ୧୭.୬୩୮ ଘର ନିର୍ମାଣ କରି ଗ୍ରାମୀଣ ଗୃହ ନିର୍ମାଣ କ୍ଷେତ୍ରରେ ଏକ ପ୍ରମୁଖ ମାଇଲଖୁଣ୍ଟ ହାସଲ କରିଥିଲେ । ୩୦ ମାର୍ଚ୍ଚ ୨୦୨୫ରେ ଆରମ୍ଭ ହୋଇଥିବା ଅନ୍ତ୍ୟୋଦୟ ଗୃହ ଯୋଜନା ଅଧୀନରେ ୩୩୦୦୯ ଘର ନିର୍ମାଣ ସମ୍ପୂର୍ଣ୍ଣ ହୋଇଛି । ଗ୍ରାମୀଣ ଗୃହ ନିର୍ମାଣ ପୋର୍ଟାଲ୍ ଏବଂ ଆମ ଘର ମୋବାଇଲ୍ ଆପ୍ଲିକେସନ୍ ମାଧ୍ୟମରେ ସ୍ୱଚ୍ଛ ଏବଂ ନାଗରିକ-ଅନୁକୂଳ ସେବା ପ୍ରଦାନ ସୁନିଶ୍ଚିତ କରାଯାଉଛି ।

୮୩- ସମସ୍ତ ଗ୍ରାମୀଣ ବସତିକୁ ସୁରକ୍ଷିତ ପାନୀୟ ଜଳ ପ୍ରଦାନ କରିବା ମୋ ସରକାରଙ୍କ ସର୍ବୋଚ୍ଚ ପ୍ରାଥମିକତା ରହିଛି, ଏବଂ ୨୦୨୭ ସୁଦ୍ଧା ସମସ୍ତ ଘରକୁ କାର୍ଯ୍ୟକ୍ଷମ ଘରୋଇ ଟ୍ୟାପ୍ ସଂଯୋଗ (FHTC) ସୁନିଶ୍ଚିତ କରିବା ଲକ୍ଷ୍ୟ ରହିଛି । ୨୦୭ଟି ବୃହତ ପାଇପ୍ ଜଳ ଯୋଗାଣ (PWS) ପ୍ରକଳ୍ପ ମଧ୍ୟରୁ ୨୬ଟି ସମ୍ପୂର୍ଣ୍ଣ ହୋଇଛି, ୧୮୧ଟି ନିର୍ମାଣାଧୀନ ରହିଛି

ଏବଂ ଅନ୍ୟ ୧୬ଟି ମେଗା PWS ପ୍ରକଳ୍ପ ୨୦୨୫-୨୬ ଆର୍ଥିକ ବର୍ଷ ମଧ୍ୟରେ ସମାପ୍ତ ହେବାର ଯୋଜନା ରହିଛି ।

୮୪- ସାର୍ବଜନୀନ ପରିମଳ ସୁବିଧା ସୁନିଶ୍ଚିତ କରିବା ଏବଂ ବାହ୍ୟ ମଳତ୍ୟାଗ ମୁକ୍ତ (ODF)ସ୍ଥିତି ବଜାୟ ରଖିବା ପାଇଁ, ୭୪୩ରୁ ଅଧିକ ଗୋଷ୍ଠୀ ଶୌଚାଳୟ କମ୍ପ୍ଲେକ୍ସ ନିର୍ମାଣ କରାଯାଇଛି । ୨୦୨୫-୨୬ ଆର୍ଥିକ ବର୍ଷର ଡିସେମ୍ବର ୨୦୨୫ ସୁଦ୍ଧା ୯୬% ଗ୍ରାମକୁ ODF+ ଏବଂ ୪୪୮୬୨ରୁ ଅଧିକ ଗ୍ରାମକୁ ଆଦର୍ଶ ଗ୍ରାମ ଘୋଷଣା କରାଯାଇଛି ।

*"ସେବା ହି ପରମୋ ଧର୍ମଃ"। ଅର୍ଥାତ, ସେବା ହେଉଛି ସର୍ବୋଚ୍ଚ କର୍ତ୍ତବ୍ୟ ।*

*ନୈତିକ ନେତୃତ୍ୱ, ଦୃଢ ନ୍ୟାୟଭିତ୍ତି ଓ ଲୋକସେବା ପ୍ରତି ନିରନ୍ତର ପ୍ରତିବଦ୍ଧତା ଉପରେ ସୁଶାସନ ପ୍ରତିଷ୍ଠା ହୁଏ । ଯେତେବେଳେ କ୍ଷମତାକୁ ସଙ୍କୋଚତାର ସହିତ ବ୍ୟବହାର କରାଯାଏ, ଆଇନଗୁଡ଼ିକୁ ନିରପେକ୍ଷ ଭାବରେ ପ୍ରୟୋଗ କରାଯାଏ ଏବଂ ଲୋକଙ୍କ ସେବାକୁ ସର୍ବୋଚ୍ଚ କର୍ତ୍ତବ୍ୟ ଭାବରେ ବିବେଚନା କରାଯାଏ, ସେତେବେଳେ ଶାସନ ପ୍ରଭାବଶାଳୀ ଏବଂ ମାନବୀୟ ହୋଇଥାଏ ।*

୮୫- ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱକୁ ପ୍ରୋତ୍ସାହିତ କରିବା ପାଇଁ, ମୋ ସରକାର ଦୃଢ଼ ଅଭିଯୋଗ ସମାଧାନ ବ୍ୟବସ୍ଥାକୁ ସାଂଗଠନିକ

କରିଛି । ୧ ଅପ୍ରେଲ ୨୦୨୧ ରୁ ୧୫ ଡିସେମ୍ବର ୨୦୨୫ ପର୍ଯ୍ୟନ୍ତ, ଜନଶୁଣାଣୀ ପୋର୍ଟାଲରେ ଗ୍ରହଣ କରାଯାଇଥିବା ମୋଟ ୧୪.୮୮ ଲକ୍ଷ ଅଭିଯୋଗ ମଧ୍ୟରୁ ୧୩.୫୬ ଲକ୍ଷ ଅଭିଯୋଗର ସମାଧାନ କରାଯାଇଛି । ଏହା ସହିତ, ସେହି ସମୟ ମଧ୍ୟରେ କେନ୍ଦ୍ରୀୟ ସାର୍ବଜନୀନ ଅଭିଯୋଗ ସମାଧାନ ଓ ପର୍ଯ୍ୟାଲୋଚନା ବ୍ୟବସ୍ଥା (CPGRAMS)ରେ ୯୫୫୧୪ ଅଭିଯୋଗର ସମାଧାନ କରାଯାଇଥିଲା । ତତସହିତ, ୨୦୧୯ ମସିହାରୁ ଆରମ୍ଭ ହୋଇଥିବା ଓଡ଼ିଶା ଲୋକାୟୁକ୍ତ ଆଇନ-୨୦୧୪ ଅଧୀନରେ ୬୫୦୭ ମାମଲା ମଧ୍ୟରୁ ୫୭୨୨ ମାମଲା ସମାଧାନ କରାଯାଇଛି ।

୮୬- ମୋ ସରକାର, ସାପ୍ତାହିକ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ମାଧ୍ୟମରେ ଜିଲ୍ଲାସ୍ତରୀୟ ସମ୍ପର୍କକୁ ସୁଦୃଢ଼ କରିଛନ୍ତି, ଯାହା ନାଗରିକ ଓ ପ୍ରଶାସନ ମଧ୍ୟରେ ସିଧାସଳଖ ସମ୍ପର୍କ ସ୍ଥାପନକୁ ସୁଗମ କରିଛି । ୧୮ ଅପ୍ରେଲ ୨୦୨୨ରୁ ୧୫ ଡିସେମ୍ବର ୨୦୨୫ ମଧ୍ୟରେ, ଯୁଗ୍ମ ଶୁଣାଣି ମାଧ୍ୟମରେ ୪.୭୦ ଲକ୍ଷ ଅଭିଯୋଗ ଗ୍ରହଣ କରାଯାଇଥିଲା ଏବଂ ସେଥିମଧ୍ୟରୁ ଘଟଣାସ୍ଥଳରେ ୯୯୪୮୭ଟି ଅଭିଯୋଗର ସମାଧାନ କରାଯାଇଥିଲା । ଶୁଣାଣି ସମୟରେ ପ୍ରାପ୍ତ ଅଭିଯୋଗଗୁଡ଼ିକୁ ଜନଶୁଣାଣି ପୋର୍ଟାଲରେ ପଞ୍ଜିକରଣ ସୁନିଶ୍ଚିତ କରିବାକୁ

ସମସ୍ତ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏଥିସହିତ, ଦୀର୍ଘଦିନ ଧରି ପଡ଼ି ରହିଥିବା ପେନସନ, ଗ୍ରାଚ୍ୟୁଇଟି, ଜିପିଏଫ ସମ୍ପର୍କିତ ମାମଲାଗୁଡ଼ିକର ସମୀକ୍ଷା କରିବା ପାଇଁ ମହାଲେଖାପାଳଙ୍କ କାର୍ଯ୍ୟାଳୟ ଏବଂ ଜିଲ୍ଲା ପ୍ରଶାସନର ସମନ୍ୱୟରେ ୨୦୨୪-୨୫ରୁ ୨୦୨୫-୨୬ ମଧ୍ୟରେ ଜିଲ୍ଲାଗୁଡ଼ିକରେ ଛଅଟି ପେନସନ ସମୀକ୍ଷା-ତଥା-ଅଦାଲତ ଏବଂ ବହୁବିଧ ପେନସନ ଅଦାଲତ ଆୟୋଜନ କରାଯାଇଥିଲା ।

୮୭- ଉଚ୍ଚ-ପ୍ରାଥମିକତା ଅଭିଯୋଗ ସମାଧାନ କରିବାରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ (CMGC) ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛି । ୧ ଜୁନ୍ ୨୦୨୪ରୁ ୧୫ ଡିସେମ୍ବର ୨୦୨୫ ମଧ୍ୟରେ, ଗ୍ରହଣ କରାଯାଇଥିବା ୧୩୩୫୮ଟି ଅଭିଯୋଗ ମଧ୍ୟରୁ ୧୨୫୯୨ଟିର ସମାଧାନ କରାଯାଇଥିଲା, ଯାହା ୯୪% ସମାଧାନ ହାର ହାସଲ କରିଥିଲା । ମୋ ସରକାର, ସମ୍ବଲପୁରରେ ଗୋଟିଏ ଅଭିଯୋଗ ଶୁଣାଣି ସମେତ ୧୫ ଡିସେମ୍ବର ୨୦୨୫ ସୁଦ୍ଧା ୧୫ଟି ସୋମବାର ଅଭିଯୋଗ ଶୁଣାଣି କରିଛନ୍ତି । ସମସ୍ତ ବିଭାଗ ଏବଂ ଜିଲ୍ଲାଗୁଡ଼ିକ ବରିଷ୍ଠ ଅଧିକାରୀମାନଙ୍କୁ ଅଭିଯୋଗ ନୋଡାଲ ଅଧିକାରୀ ଭାବେ ଦାୟିତ୍ୱ ପ୍ରଦାନ

କରାଯିବା ସହିତ, ବିଚାରାଧୀନ ମାମଲାଗୁଡ଼ିକର ତଦାରଖ ଏବଂ ଉତ୍ତରଦାୟିତ୍ୱରେ ଆଣିବା ପାଇଁ ବାରମ୍ବାର ସମୀକ୍ଷା ବୈଠକ କରାଯାଇଛି ।

୮୮- ଜାତୀୟ ଏବଂ ରାଜ୍ୟସ୍ତରୀୟ ସମ୍ମିଳନୀ ମାଧ୍ୟମରେ ଜ୍ଞାନ ଆଦାନପ୍ରଦାନ ଏବଂ ନେତୃତ୍ୱ ସମନ୍ୱୟକୁ ସୁଦୃଢ଼ କରାଯାଉଛି। ୧୦ ଜୁନ୍ ୨୦୨୫ରେ ଭୁବନେଶ୍ୱରସ୍ଥିତ ରାଜ୍ୟ ସମ୍ମେଳନ କେନ୍ଦ୍ରରେ 'ସୁଶାସନ ଓ ବିକାଶିତ ଓଡ଼ିଶା@୨୦୩୬ ଏବଂ @୨୦୪୭' ଶୀର୍ଷକ ଏକ ଜାତୀୟ ସ୍ତରୀୟ ଆଲୋଚନାଚକ୍ର ସଫଳତାର ସହିତ ଆୟୋଜିତ ହୋଇଥିଲା । ଅନ୍ୟପକ୍ଷରେ, ୧୮ ଓ ୧୯ ନଭେମ୍ବର ୨୦୨୫ରେ ଭୁବନେଶ୍ୱରସ୍ଥିତ ରାଜ୍ୟ ସମ୍ମେଳନ କେନ୍ଦ୍ରରେ ଆରକ୍ଷୀ ଅଧିକ୍ଷକ ଏବଂ ଜିଲ୍ଲାପାଳ ମାନଙ୍କର ମିଳିତ ସମ୍ମିଳନୀ ସଫଳତାର ସହିତ ଆୟୋଜିତ ହୋଇଥିଲା ।

୮୯- ମାମଲାଗୁଡ଼ିକର ତ୍ୱରିତ ସମାଧାନ ପାଇଁ, ମୋ ସରକାର ୨୦୨୪ ଓ ୨୦୨୫ ବର୍ଷରେ ରାଜ୍ୟର ବିଭିନ୍ନ ସ୍ଥାନରେ ୧୩୮ଟି ବିଭିନ୍ନ ବର୍ଗର କୋର୍ଟ ପ୍ରତିଷ୍ଠା ପାଇଁ ବିଜ୍ଞପ୍ତି ଜାରି କରିଛନ୍ତି । ୨୦୨୫ ମସିହାରେ, ପାଞ୍ଚଟି ଜାତୀୟ/ ଜିଲ୍ଲାସ୍ତରୀୟ ଲୋକ ଅଦାଲତ ଆୟୋଜନ କରାଯାଇଥିଲା,

ଯେଉଁଥିରେ ୯.୯୯ ଲକ୍ଷ ମାମଲାର ସମାଧାନ କରାଯାଇଥିଲା ଏବଂ ପୀଡିତ କ୍ଷତିପୂରଣ ଯୋଜନା ଅଧୀନରେ ୧୮୦୦ ପୀଡିତଙ୍କୁ କ୍ଷତିପୂରଣ ଭାବରେ ୩୪.୬୨ କୋଟି ଟଙ୍କା ପ୍ରଦାନ କରାଯାଇଥିଲା ।

୯୦- ଏହା ବ୍ୟତୀତ, ୨୦୨୪-୨୫ରୁ ୨୦୨୫-୨୬ ମଧ୍ୟରେ, ନୀତିକାନ୍ତି ଏବଂ ବିଭିନ୍ନ ପର୍ବପର୍ବାଣୀ ପାଳନ ସହିତ ଜଡ଼ିତ ଅର୍ଥାଭାବ ପୂରଣ ପାଇଁ ୧୪୨୫ ଧାର୍ମିକ ଅନୁଷ୍ଠାନକୁ ଅନୁଦାନ ଭାବରେ ୮.୮୬ କୋଟି ଟଙ୍କା ମଞ୍ଜୁର କରାଯାଇଛି।

୯୧- ମୋ ସରକାର, ଓଡ଼ିଶା ପୋଲିସକୁ ସୁଦୃଢ଼ କରିବା ପାଇଁ, ୧ ଜୁଲାଇ ୨୦୨୪ରୁ ୩୧ ଡିସେମ୍ବର ୨୦୨୫ ମଧ୍ୟରେ ତିନୋଟି ଓଡ଼ିଶା ସ୍ପେଶାଲ୍ ଷ୍ଟ୍ରାଇକିଂ ଫୋର୍ସ (OSSF) ବାଟାଲିୟନ, ତିନୋଟି ଓଡ଼ିଶା ଶିଳ୍ପ ସୁରକ୍ଷା ବାହିନୀ (OISF) ବାଟାଲିୟନ, ଦଶଟି ନୂତନ ODRAF ୟୁନିଟ୍, ଗୋଟିଏ ଟ୍ରାଫିକ୍ ଓ ସଡ଼କ ସୁରକ୍ଷା ଶାଖା, ଚଣ୍ଡିଖୋଲରେ ଏକ SDPO କାର୍ଯ୍ୟାଳୟ, ୨୧ଟି ସାଇବର ଓ ଅର୍ଥନୈତିକ ଅପରାଧ ପୋଲିସ ଷ୍ଟେସନ ଏବଂ ରାଇରଙ୍ଗପୁରରେ ଏକ ନୂତନ ପୋଲିସ ଜିଲ୍ଲା ସୃଷ୍ଟି କରି ଏକ ବଡ଼ ସାଂଗଠନିକ ସମ୍ପ୍ରସାରଣ କରିଛନ୍ତି । ଏହା ବ୍ୟତୀତ, ୨୦୨୫ ମସିହାରେ,

୯୯୯ ପଦବୀ ସହିତ ୨୧ଟି ନୂତନ ସାଇବର ଅପରାଧ ଓ ଅର୍ଥନୈତିକ ଅପରାଧ ପୋଲିସ ଷ୍ଟେସନ ସୃଷ୍ଟି କରାଯାଇଥିଲା ଏବଂ ୧୪ଟି ବିଦ୍ୟମାନ ସାଇବର ପୋଲିସ ଷ୍ଟେସନକୁ ମାନବସମ୍ବଳ ସହିତ ଅଧିକ ସୁଦୃଢ଼ କରାଯାଇଥିଲା, ଯାହା ଆଧୁନିକ ଓ ପ୍ରଯୁକ୍ତିବିଦ୍ୟା-ଚାଳିତ ପୋଲିସ ସେବା ଆଡକୁ ଏକ ନିର୍ଣ୍ଣାୟକ ପଦକ୍ଷେପ ଥିଲା ।

୯୨- ମୋ ସରକାର, ନିରନ୍ତର ଓ ସକ୍ରିୟ କାର୍ଯ୍ୟକ୍ଷମ ଏବଂ ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ମାଧ୍ୟମରେ ବାମପନ୍ଥୀ ଉଗ୍ରବାଦ ବିରୋଧୀ ଅଭିଯାନରେ ଗୁରୁତ୍ୱପୂର୍ଣ୍ଣ ସଫଳତା ହାସଲ କରିଛି, ଯାହା ଫଳରେ ରାଜ୍ୟର ପରିସ୍ଥିତିରେ ସ୍ୱଷ୍ଟ ସୁଧାର ଦୃଶ୍ୟମାନ ହୋଇଛି । ଗତ ୫ ବର୍ଷ ମଧ୍ୟରେ, ୪୮ ଜଣ ମାଓବାଦୀ ନିହତ ହୋଇଥିବା ବେଳେ, ୭୮ ଜଣଙ୍କୁ ଗିରଫ କରାଯାଇଛି ଏବଂ ୮୨ ଜଣ ଆତ୍ମସମର୍ପଣ କରିଛନ୍ତି । ବିଶେଷତଃ, କେବଳ ୨୦୨୫ ମସିହାରେ, ୨୫ ଜଣ ମାଓବାଦୀ କ୍ୟାଡରଙ୍କୁ ନିପାତ କରାଯାଇଥିଲା, ଯେଉଁଥିରେ ନୂଆପଡା-ଗରିଆବନ୍ଧ ସୀମାରେ ଛତିଶଗଡ଼ ପୋଲିସ, CRPF ଏବଂ CoBRA ସହିତ ମିଳିତ ଅଭିଯାନରେ ୧୭ ଜଣ ସାମିଲ ଥିଲେ, ୯ ଜଣ କ୍ୟାଡରଙ୍କୁ ଗିରଫ କରାଯାଇଥିଲା ଏବଂ ୨୯ ଜଣ ଆତ୍ମସମର୍ପଣ କରିଥିଲେ । ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର,

ଗୁଳିଗୋଳା, ବିସ୍ଫୋରକ ଏବଂ ଅନ୍ୟାନ୍ୟ ଆପତ୍ତିଜନକ ସାମଗ୍ରୀ ମଧ୍ୟ ଜବତ ହୋଇଛି ।

୯୩- ମହିଳା ଏବଂ ଶିଶୁମାନଙ୍କୁ ସୁରକ୍ଷା ଦେବା ପାଇଁ, ମହିଳା ଓ ଶିଶୁ ଅପରାଧ ନିରାକରଣ ଶାଖା, ତଦାରଖକୁ ତୀବ୍ର କରିଛି, ଯାହା ଫଳରେ ୩୦ ସେପ୍ଟେମ୍ବର ୨୦୨୫ ସୁଦ୍ଧା ୭୬୬ଟି 'ରେଡ୍ ଫ୍ଲାଗ୍' ମାମଲାରେ ୨୭୦ ଜଣଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଛି । ଭାରତୀୟ ନ୍ୟାୟ ସଂହିତା କାର୍ଯ୍ୟକାରୀ ହେବା ପରେ, ଦୁଷ୍କର୍ମ ଏବଂ POCSO ସମେତ ସମ୍ବେଦନଶୀଳ ମାମଲାଗୁଡ଼ିକର ଦ୍ରୁତ ବିଚାର କରାଯାଉଛି ଏବଂ କେବଳ ୧ ଜୁଲାଇ ୨୦୨୪ ଏବଂ ୩୧ ଡିସେମ୍ବର ୨୦୨୫ ମଧ୍ୟରେ ୨୭୬ ଜଣ ଦୋଷୀ ସାବ୍ୟସ୍ତ ହୋଇଛନ୍ତି, ଯାହା ମୋ ସରକାରଙ୍କ ତ୍ୱରିତ ତଦନ୍ତ ଏବଂ ତ୍ୱରିତ ନ୍ୟାୟ ପ୍ରଦାନ କରିବାର ଦୃଢ଼ ସଂକଳ୍ପକୁ ପ୍ରତିଫଳିତ କରୁଛି ।

୯୪- ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ଓଡ଼ିଶା ରାଜ୍ୟ ବିଭିନ୍ନ ସମୟରେ ବନ୍ୟା, ପ୍ରବଳ ବର୍ଷା, ଘୂର୍ଣ୍ଣିଝଡ଼, ଅଦିନିଆ ବର୍ଷା, ଗ୍ରୀଷ୍ମ ଲହରୀ, ବଜ୍ରପାତ ଇତ୍ୟାଦି କାରଣରୁ କଠୋର ସମସ୍ୟାର ସମ୍ମୁଖୀନ ହୁଏ । ମୋ ସରକାର ୨୦୨୫-୨୬ରେ ସମୟୋଚିତ ହସ୍ତକ୍ଷେପ, ତୁରନ୍ତ ସ୍ଥାନାନ୍ତର, ପ୍ରତିକ୍ରିୟା ବାହିନୀର ଦକ୍ଷ

ମୁତୟନ ଏବଂ ଦ୍ରୁତ ରିଲିଫ ଏବଂ ପୁନରୁଦ୍ଧାର ପଦକ୍ଷେପ ମାଧ୍ୟମରେ ଏହି ବିପର୍ଯ୍ୟୟଗୁଡ଼ିକୁ ସଫଳତାର ସହିତ ମୁକାବିଲା କରିଛି । ୨୦୨୫ ଜୁଲାଇ ଓ ସେପ୍ଟେମ୍ବର ମାସରେ ସୁବର୍ଣ୍ଣରେଖା ଏବଂ ବୈତରଣୀ ନଦୀ ଅବବାହିକାକୁ ପ୍ରଭାବିତ କରିଥିବା ମୌସୁମୀ ବନ୍ୟା ସମୟରେ, ରିଲିଫ୍ ଏବଂ ଉଦ୍ଧାର ପାଇଁ ୨୩.୫୯ କୋଟି ଟଙ୍କା ଏବଂ ସାର୍ବଜନୀନ ସମ୍ପତ୍ତିର ମରାମତି ଏବଂ ପୁନରୁଦ୍ଧାର ପାଇଁ ୩୯.୩୧ କୋଟି ଟଙ୍କାର ପାଣ୍ଠି SDRFରୁ ପ୍ରଦାନ କରାଯାଇଥିଲା । ଜୁଲାଇ ଏବଂ ଅକ୍ଟୋବର ୨୦୨୫ରେ ଅତିରିକ୍ତ ବନ୍ୟା ଯୋଗୁଁ ରିଲିଫ୍ ପାଇଁ ୮.୪୨ କୋଟି ଟଙ୍କା ଏବଂ ମରାମତି ଓ ପୁନରୁଦ୍ଧାର ପାଇଁ ୨.୯୦ କୋଟି ଟଙ୍କା ଜାରି କରାଯାଇଥିଲା । ମଇ ୨୦୨୫ରେ ହୋଇଥିବା ଅଦିନିଆ ବର୍ଷା ୧୦୬୦୧ ହେକ୍ଟର ଜମିରେ ଧାନ ଫସଲ କ୍ଷତିଗ୍ରସ୍ତ କରିଥିଲା, ଯାହା ପାଇଁ ପ୍ରଭାବିତ ଚାଷୀମାନଙ୍କୁ ୧୭.୭୭ କୋଟି ଟଙ୍କା ସହାୟତା ପ୍ରଦାନ କରାଯାଇଥିଲା ।

୯୫- ୨୦୨୫ ଅକ୍ଟୋବରରେ ୧୧ଟି ଜିଲ୍ଲାକୁ ପ୍ରଭାବିତ କରିଥିବା ଘୂର୍ଣ୍ଣିଝଡ଼ 'ମୋନ୍ଥା' ସମୟରେ, ମୋ ସରକାର ପ୍ରାୟ ୩୮୦୦୦ ଲୋକଙ୍କୁ ୨୧୬୪ଟି ନିରାପଦ ଆଶ୍ରୟସ୍ଥଳକୁ ସ୍ଥାନାନ୍ତରିତ କରିଥିଲେ ଏବଂ ୨୧୯୮ ଜଣଙ୍କୁ ସ୍ୱାସ୍ଥ୍ୟ କେନ୍ଦ୍ରକୁ

ସ୍ଥାନାନ୍ତରିତ କରିଥିଲେ, ଯାହା ଦ୍ୱାରା ଅନେକ ମୂଲ୍ୟବାନ ଜୀବନ ବଞ୍ଚିଥିଲା । ଗୃହପାଳିତ ପ୍ରାଣୀମାନଙ୍କୁ ନିରାପଦ ଆଶ୍ରୟସ୍ଥଳକୁ ସ୍ଥାନାନ୍ତରିତ କରାଯାଇଥିଲା, ଏବଂ ଘୂର୍ଣ୍ଣିଝଡ଼ ପ୍ରଭାବିତ ଲୋକଙ୍କୁ ଗରମ ରନ୍ଧା ଖାଦ୍ୟ, ଶୁଖିଲା ଖାଦ୍ୟ ଏବଂ ପାନୀୟ ଜଳ ଯୋଗାଇ ଦିଆଯାଇଥିଲା । ଘୂର୍ଣ୍ଣିଝଡ଼ ଯୋଗୁଁ ୬୪ଟି ବ୍ଲକ ଅନ୍ତର୍ଗତ ୨୦୨୮ଟି ଗାଁର ୩୧୯୫୮ ଲୋକ ପ୍ରଭାବିତ ହୋଇଥିଲେ । କୃଷି ସାମଗ୍ରୀ ସବସିଡି, ଘର କ୍ଷୟକ୍ଷତି ସହାୟତା, ରିଲିଫ୍ ଶିବିର କାର୍ଯ୍ୟ, ସନ୍ଧାନ ଓ ଉଦ୍ଧାର, ପୋଷାକ, ବାସନକୁସନ ଏବଂ ପଶୁପାଳନ ସହାୟତା ପାଇଁ ଜିଲ୍ଲାପାଳମାନଙ୍କୁ ୫.୨୪ କୋଟିର SDRF ସହାୟତା ପ୍ରଦାନ ସହିତ ମରାମତି ଓ ପୁନରୁଦ୍ଧାର କାର୍ଯ୍ୟ ପାଇଁ ୧.୮୭ କୋଟି ଟଙ୍କା ପ୍ରଦାନ କରାଯାଇଥିଲା ।

୯୬- ମୋ ସରକାର, ଅବୈଧ ମଦ ରନ୍ଧା ଓ ନକଲି ମଦ ବିରୋଧରେ ସମସ୍ତ ଜିଲ୍ଲାରେ କଠୋର କାର୍ଯ୍ୟାନୁଷ୍ଠାନକୁ ଆହୁରି ସୁଦୃଢ଼ କରି ବିଶେଷ ଅଭିଯାନ ଚଳାଇଥିବାରୁ ୮୨.୪୮ କୋଟି ଟଙ୍କା ମୂଲ୍ୟର ଅବୈଧ ଓ ନକଲି ମଦ ସଫଳତାର ସହ ଜବତ ହୋଇଛି । ଏହି ଅଭିଯାନ ସମୟରେ, ନିରନ୍ତର ଓ ସମନ୍ୱିତ ପ୍ରବର୍ତ୍ତନ ପ୍ରୟାସ ପ୍ରଦର୍ଶନ ସ୍ୱରୂପ, ୧୫୦୪୫ଟି ମାମଲା ରୁଜୁ ଓ ପଞ୍ଜିକରଣ କରାଯାଇଥିଲା

ଏବଂ ୨୦୨୫-୨୬ରେ ୪ଟି ଅଭିଯାନରେ ୭୧୭୫ ଜଣଙ୍କୁ ଗିରଫ କରାଯାଇଥିଲା । ଏହା ସହିତ, ୨୦୨୫-୨୬ର ଡିସେମ୍ବର ୨୦୨୫ ସୁଦ୍ଧା ୯୬୭୭ ଏକର ବେଆଇନ ଗଞ୍ଜେଇ ଚାଷ ନଷ୍ଟ କରାଯାଇଛି, ୩୮ ଟି ମାମଲା ରୁଜୁ କରାଯାଇଛି ଏବଂ ୭ ଜଣଙ୍କୁ ଗିରଫ କରାଯାଇ କୋର୍ଟକୁ ପଠାଯାଇଛି ।

୯୭- ଐତିହାସିକ ସ୍ମାରକୀ, ପ୍ରତ୍ନତାତ୍ତ୍ୱିକ ସ୍ଥାନ, ଜନଜାତି ପରମ୍ପରା, ଶାସ୍ତ୍ରୀୟ ଏବଂ ଲୋକକଳା, ଭାସ୍କର୍ଯ୍ୟ ଓ ସାହିତ୍ୟକୁ ନେଇ ଏହାର ସମୃଦ୍ଧ ସାଂସ୍କୃତିକ ବିବିଧତା ପାଇଁ ଓଡ଼ିଶା ବିଶ୍ୱ ସ୍ତରରେ ସ୍ୱୀକୃତିପ୍ରାପ୍ତ । ଏହି ଜୀବନ୍ତ ଐତିହ୍ୟ କେବଳ ପର୍ଯ୍ୟଟକଙ୍କୁ ଆକର୍ଷିତ କରେ ନାହିଁ ବରଂ ଆମ ସଭ୍ୟତାର ଗଭୀରତାକୁ ବୁଝିବାକୁ ଚାହୁଁଥିବା ବିଦ୍ୱାନ ଏବଂ ଗବେଷକମାନଙ୍କୁ ମଧ୍ୟ ଆକର୍ଷିତ କରେ । ମୋ ସରକାର, ୨୦୦ କୋଟି ଟଙ୍କାର ଏକ କର୍ପସ୍ ପାଣ୍ଠି ଗଠନ କରିବାର ଏକ ଐତିହାସିକ ନିଷ୍ପତ୍ତି ନେଇଛନ୍ତି, ଯେଉଁଥିରୁ ମିଳୁଥିବା ସୁଧକୁ ଓଡ଼ିଆ ଭାଷା, ସାହିତ୍ୟ ଏବଂ ସାଂସ୍କୃତିକ ଐତିହ୍ୟର ବ୍ୟବସ୍ଥିତ ସଂରକ୍ଷଣ, ପ୍ରୋତ୍ସାହନ ଏବଂ ବିକାଶ ପାଇଁ ବ୍ୟବହାର କରାଯାଉଛି ।

୯୮- ଐତିହ୍ୟର ସଂରକ୍ଷଣ ଏବଂ ବିଶିଷ୍ଟ ବ୍ୟକ୍ତିତ୍ୱଙ୍କୁ ସ୍ୱୀକୃତି ମୋ ସରକାରଙ୍କ ପ୍ରମୁଖ ପ୍ରାଥମିକତା ରହିଛି । ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନା ଅଧୀନରେ, ମାତୃଭୂମିର ବିଶିଷ୍ଟ ସନ୍ତାନମାନଙ୍କ ସହିତ ଜଡିତ ୨୫ଟି ଐତିହ୍ୟ ଗ୍ରାମକୁ ସାଂସ୍କୃତିକ ଐତିହ୍ୟ ଗ୍ରାମ ଭାବରେ ବ୍ୟାପକ ବିକାଶ ପାଇଁ ଚିହ୍ନଟ କରାଯାଇଛି । ଏହା ସହିତ, ମୋ ସରକାର, ସାରା ଓଡ଼ିଶାରେ ୧୧ କୋଟି ଟଙ୍କା ବ୍ୟୟରେ ୭୫ ଜଣ ବିଶିଷ୍ଟ ବରପୁତ୍ରଙ୍କ ପ୍ରତିମୂର୍ତ୍ତି ସ୍ଥାପନକୁ ଅନୁମୋଦନ କରିଛନ୍ତି, ଯାହା ଭବିଷ୍ୟତ ପିଢ଼ି ପାଇଁ ସେମାନଙ୍କ ଅବଦାନକୁ ଅମର କରିବ ।

୯୯- ମୋର ସରକାର ଅଦୃଶ୍ୟ ଓ ଦୃଶ୍ୟମାନ ସାଂସ୍କୃତିକ ଐତିହ୍ୟର ସୁରକ୍ଷା ଓ ପ୍ରୋତ୍ସାହନ ପାଇଁ ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି । ବାଲିଯାତ୍ରାକୁ ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା ଆନୁଷ୍ଠାନିକ ଭାବରେ ତାଲିକାଭୁକ୍ତ କରାଯାଇଛି ଏବଂ ୟୁନେସ୍କୋର ଅମୂଲ୍ୟ ସାଂସ୍କୃତିକ ଐତିହ୍ୟ ତାଲିକାରେ ଏହାକୁ ସାମିଲ କରିବା ପାଇଁ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରାଳୟକୁ ଏକ ଆନୁଷ୍ଠାନିକ ପ୍ରସ୍ତାବ ପ୍ରଦାନ କରାଯାଇଛି । ଲଳିତଗିରି, ରତ୍ନଗିରି, ଉଦୟଗିରି, ଗୋହିରାଟିକିରି, ରଘୁରାଜପୁର ଏବଂ ରାଣୀପୁର-ଝରିଆଲ ଭଳି ପ୍ରମୁଖ

ଐତିହ୍ୟ ସ୍ଥଳଗୁଡ଼ିକର ସ୍ଥାୟୀ ବିକାଶ ପାଇଁ ୟୁନେସ୍କୋ ସହିତ ଏକ ସହଭାଗୀତା ପ୍ରସ୍ତାବ ଦିଆଯାଇଛି ।

୧୦୦- ମୋ ସରକାର ଏକ ଐତିହ୍ୟ ଅଧ୍ୟୟନ କେନ୍ଦ୍ର (CHS) ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି ନେଇଛନ୍ତି, ଯାହା ପ୍ରାଚୀନ ସ୍ମାରକୀ ଏବଂ ଐତିହ୍ୟ ସ୍ଥଳଗୁଡ଼ିକର ବୈଜ୍ଞାନିକ ଡକ୍ୟୁମେଣ୍ଟେସନ୍ ଏବଂ ସଂରକ୍ଷଣ ପାଇଁ ଉତ୍ସର୍ଗୀକୃତ ସର୍ଭେ ଦଳଗୁଡ଼ିକୁ ନିୟୋଜିତ କରିବ । ଏହା ସହିତ, ଓଡ଼ିଶାରେ ବୌଦ୍ଧ ଐତିହ୍ୟ ସର୍କିଟର ବିକାଶ ଏବଂ ପ୍ରୋତ୍ସାହନ ପାଇଁ ଲାଇଟ୍ ଅଫ୍ ବୁଦ୍ଧ ଫାଉଣ୍ଡେସନ୍ ଇଣ୍ଟରନ୍ୟାସନାଲ୍ ସହିତ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି ।

୧୦୧- ପ୍ରଥମ ଥର ପାଇଁ ରାଜ୍ୟସ୍ତରୀୟ 'ଓଡ଼ିଆ ପକ୍ଷ' ଉତ୍ସବ ୧ ରୁ ୧୪ ଏପ୍ରିଲ ୨୦୨୫ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ଅଭୂତପୂର୍ବ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା, ୩ ଲକ୍ଷରୁ ଅଧିକ ଅନଲାଇନ୍ କୁଇଜ୍ ଏଣ୍ଟ୍ରି, ୫ ଲକ୍ଷ ସେଲ୍ଫି ଅପଲୋଡ୍ କରାଯାଇଥିଲା ଏବଂ ୧୪ଟି ବିଷୟବସ୍ତୁ ଆଧାରିତ କାର୍ଯ୍ୟକ୍ରମ ରାଜ୍ୟବ୍ୟାପୀ ଆୟୋଜନ କରାଯାଇଥିଲା, ଯାହା ଓଡ଼ିଆ ଅସ୍ମିତା ପାଇଁ ଏକ ଗଣ ଅଭିଯାନର ରୂପ ନେଇଥିଲା । ମୋ ସରକାର, ଓଡ଼ିଶା ରାଜ୍ୟ

ପୁସ୍ତକ ମେଳା ୨୦୨୫କୁ ସଫଳତାର ସହିତ ଆୟୋଜନ କରିଥିଲେ ଏବଂ ଭୁବନେଶ୍ୱରରେ ୧୮ତମ ପ୍ରବାସୀ ଭାରତୀୟ ଦିବସରେ ଏକ ଉତ୍ସର୍ଗୀକୃତ ଓଡ଼ିଶା ପାଭିଲିୟନ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଓଡ଼ିଶାର ସଭ୍ୟତା ଯାତ୍ରାକୁ ପ୍ରଦର୍ଶିତ କରିଥିଲେ ।

୧୦୨- ମୋ ସରକାର ଏହାକୁ ସ୍ୱୀକାର କରନ୍ତି ଯେ, ଓଡ଼ିଆ ଜାତି ଆମ ରାଜ୍ୟ ସୀମାରୁ ଅନେକ ଦୂର ପର୍ଯ୍ୟନ୍ତ ବିସ୍ତାରିତ ଅଛି । ଏହି ବନ୍ଧନକୁ ସୁଦୃଢ଼ କରିବା ପାଇଁ, ମୋ ସରକାର ଓଡ଼ିଶା ପରିବାର ନିର୍ଦ୍ଦେଶାଳୟକୁ କାର୍ଯ୍ୟକ୍ଷମ କରିଛନ୍ତି । ଆମ ପ୍ରବାସୀମାନଙ୍କୁ ସମର୍ଥନ କରିବା ପାଇଁ, ସେମାନଙ୍କ ଅଭିଯୋଗର ସମାଧାନ ପାଇଁ ସମର୍ପିତ ୨୪X୭ କଲ୍ ସେଣ୍ଟର ଏବଂ ୱେବ୍ ପୋର୍ଟାଲ୍ ଆରମ୍ଭ କରାଯାଇଛି । ମୋ ସରକାର, ରାଜ୍ୟ ବାହାରେ ରହୁଥିବା ପିଲାମାନଙ୍କୁ ସେମାନଙ୍କ ମାତୃଭୂମି ସହିତ ଯୋଡ଼ି ରଖିବା ପାଇଁ ସ୍ୱତନ୍ତ୍ର ଓଡ଼ିଆ ଶିକ୍ଷା ମଡ୍ୟୁଲ୍ ବିକଶିତ କରୁଛନ୍ତି ।

୧୦୩- ଡିଜିଟାଲ ଅଭିଲେଖକରଣ, ପ୍ରକାଶନ ଓ ସାଧାରଣ ଲୋକଙ୍କ ସହ ଯୋଗାଯୋଗରେ ଗୁରୁତ୍ୱପୂର୍ଣ୍ଣ ପ୍ରଗତି ହୋଇଛି । ୭ ଏପ୍ରିଲ ୧୯୪୪ ଠାରୁ ପ୍ରକାଶିତ ହୋଇଆସୁଥିବା ପ୍ରତିଷ୍ଠିତ

ପତ୍ରିକା 'ଉତ୍କଳ ପ୍ରସଙ୍ଗ' ଏବଂ 'ଓଡ଼ିଶା ରିଭ୍ୟୁ'କୁ ଡିଜିଟାଇଜେସନ୍ କରାଯାଇ, ବିଶ୍ୱସ୍ତରରେ ଉପଲବ୍ଧ କରାଯାଇଛି । ଦୁର୍ଲଭ ଫଟୋଗ୍ରାଫ୍, ଭିଡିଓ, ଅଡିଓ ଟେପ୍ ଓ ଚଳଚ୍ଚିତ୍ରଗୁଡିକର ଆର୍କାଇଭିଂ ପାଇଁ ଟେଣ୍ଡର ଆହ୍ୱାନ କରାଯାଇଛି । ବିଶେଷ ସଂଖ୍ୟା, ସରକାରୀ ଯୋଜନା ଉପରେ ସୂଚନାପ୍ରଦ ପୁସ୍ତିକା ଏବଂ 'ପ୍ରଗତି ପ୍ରବାହ' ନାମକ ଏକ ନୂତନ ବିକାଶ ଧର୍ମୀ ପତ୍ରିକାର ସମ୍ପ୍ରତି ଉନ୍ମୋଚନ ମାଧ୍ୟମରେ ପ୍ରକାଶନ କାର୍ଯ୍ୟକଳାପକୁ ବିସ୍ତାର କରାଯାଇଛି ।

୧୦୪- ୨୦୨୫-୨୬ ବର୍ଷରେ ଏକ ସ୍ୱଷ୍ଟ ଦୃଷ୍ଟିକୋଣ, ଦୃଢ଼ କାର୍ଯ୍ୟକାରିତା ଏବଂ ଉଲ୍ଲେଖନୀୟ ସଫଳତା ସହିତ, ମୋ ସରକାରଙ୍କ ଉଦ୍ଦେଶ୍ୟ ଏବଂ କାର୍ଯ୍ୟ ପ୍ରଶଂସାର ଯୋଗ୍ୟ । ତଥାପି ଆମର ସାର୍ବଜନୀନ କର୍ତ୍ତବ୍ୟରେ ଆତ୍ମସନ୍ତୋଷର କୌଣସି ସ୍ଥାନ ନାହିଁ । ମୁଁ ଏହି ମହାନ ଗୃହରେ ଉପସ୍ଥିତ ହୋଇଥିବା ବେଳେ, ରବର୍ଟ ଫ୍ରଷ୍ଟଙ୍କ ଏକ ପ୍ରସିଦ୍ଧ କବିତାର ଶେଷ ଧାଡ଼ି ମୋର ମନରେ ପ୍ରତିଧ୍ୱନିତ ହେଉଛି - "ଚାଲିବି ଚାଲିବି ନପଡିବି ଥକି, ମୁଦିବା ଆଗରୁ ଆଖି" - କାରଣ ଆମେ ଆମ ଲୋକଙ୍କ ପାଇଁ ଯେଉଁ ପ୍ରତିଶ୍ରୁତି ବହନ କରୁଛୁ, ତାହା ଆମେ ଯାହା ହାସଲ କରିଛୁ ତାହାଠାରୁ ବଡ଼ ଏବଂ

ଓଡ଼ିଶା ପ୍ରତି ଆମର ଯେଉଁ ଭବିଷ୍ୟତ ଅଛି, ତାହା ଆମେ ଏପର୍ଯ୍ୟନ୍ତ ଯାହା ନିର୍ମାଣ କରିଛୁ, ତାହାଠାରୁ ଉଜ୍ଜ୍ୱଳ ।

୧୦୫- ଆମର ଆରାଧ୍ୟ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ, ଆମ ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟିକୋଣ ଏବଂ ଲୋକଙ୍କ ବିଶ୍ୱାସ ସହିତ, ମୋ ସରକାର ଏକ ସମୃଦ୍ଧ, ସଶକ୍ତ ଏବଂ ସମାବେଶୀ ଓଡ଼ିଶା ନିର୍ମାଣ କରୁଛି ଯେଉଁଠାରେ ଅଭିବୃଦ୍ଧି ସହାନୁଭୂତି ବହନ କରେ ଏବଂ ବିକାଶ ମର୍ଯ୍ୟାଦା ପ୍ରଦାନ କରେ । ଭିଜନ ୨୦୩୬ ଆଡ଼କୁ ଆଗେଇ ଯାଉଥିବା ଆମର ଯାତ୍ରା, ଲୋକଙ୍କ ଆତ୍ମବିଶ୍ୱାସ ଦ୍ୱାରା ପରିଚାଳିତ, ଅନୁଷ୍ଠାନ ଦ୍ୱାରା ସଶକ୍ତ ଏବଂ ପ୍ରତ୍ୟେକ ଓଡ଼ିଆର ଭବିଷ୍ୟତ ଦ୍ୱାରା ପ୍ରେରିତ ।

ଏବେ ମୁଁ ଏହାକୁ ଆପଣମାନଙ୍କର ବିଚାରବିମର୍ଶ ପାଇଁ ଛାଡ଼ି ଦେଉଛି ଏବଂ ସମସ୍ତଙ୍କୁ ସଫଳତାର ଶୁଭେଚ୍ଛା ଜଣାଉଛି ।

"ବନ୍ଦେ ଉତ୍କଳ ଜନନୀ"

"ବନ୍ଦେ ମାତରମ୍"